



## ସଂକ୍ଷେପରେ

### ଚିକିଟି ଅଞ୍ଚଳରେ ହାତୀ ଉପଦ୍ରବ

ଚିକିଟି,୧୨।୧(ଡି.ଏନ.ଏ.): ଚିକିଟି ବନବିଭାଗ ଅଧୀନରେ ଥିବା ବିଭିନ୍ନ ଗ୍ରାମାଞ୍ଚଳରେ ଦୀର୍ଘ ୧୦ଦିନ ଧରି ହାତୀଙ୍କ ଉପଦ୍ରବ ଲାଗି ରହିଛି। ଶନିବାର ବିଳମ୍ବିତ ରାତ୍ରିରେ କୃଷ୍ଣନଗର, ବଇରବାଡ ଗ୍ରାମ ନିକଟରେ ଥିବା ପି.ବାଇରାମା ଓ ପି.ଧର୍ମାଙ୍କ ସମେତ ୪ ଜଣଙ୍କର ଧାନଖଳାରେ ହାତୀମାନେ ଦଳିଚକିଟି ନଷ୍ଟ କରିଛନ୍ତି। ସନ୍ଧ୍ୟା ହେଲେ ହାତୀ ମାଡିଆସୁଛନ୍ତି। ଧାନ ଅମଳ ଚାଲିଥିବାରୁ ଚାଷୀ ଖଳାରେ ଶୋଇବା ଏବଂ ଯିବା ଆସିବାକୁ ଭୟ କରୁଛନ୍ତି। ବର୍ତ୍ତମାନ ଚାନ୍ଦପୁର ଗ୍ରାମ ନିକଟ ତୋଟା ଗ୍ରାମ ନିକଟରେ ଥିବା ଜଙ୍ଗଲରେ ୧୦ଟି ହାତୀପଲ ରହିଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ରାଧାମୋହନପୁର, ଗୋବିନ୍ଦନଗର, ଝିଙ୍କିପଦର, ଭାଲିଆଗଡ, ଏରେଣ୍ଡ୍ରା, କୃଷ୍ଣନଗର ଆଦି ଇଲାକାରେ ୧୦ରୁ ଉର୍ଦ୍ଧ୍ୱ ଚାଷୀଙ୍କର ଧାନ ସହ ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହେଉଛି। । ଏହାର ଆକଳନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି । ଚିକିଟି ବନବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ ଟ୍ରାକ୍ ପ୍ରସ୍ତୁତ କରାଯାଇଥିଲେ ସୁଦ୍ଧା ସଫଳ ହେଉନଥିବାରୁ ଲୋକମାନେ ରାତ୍ରି ଅନିଦ୍ରା ରହି ଗ୍ରାମରେ ଜଗୁଛନ୍ତି । ସମ୍ପୃକ୍ତ ଇଲାକାରେ ସନ୍ଧ୍ୟାରେ ବିଦ୍ୟୁତ କାଟ୍ କରାଯାଉଛି ।

### ଭଲିବଲ ଟୁର୍ନାମେଣ୍ଟ
### ସେଣ୍ଟ ପିଟର୍ ମୋହନା ଚାମ୍ପିୟନ

ଛତ୍ରପୁର,୧୨।୧(ଡି.ଏନ୍.ଏ.): ଛତ୍ରପୁର ଷ୍ଟାଡିୟମରେ ସନ୍ ରାଇଜ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ଭଲିବଲ ଟୁର୍ନାମେଣ୍ଟରେ ସେଣ୍ଟ ପିଟର ମୋହନା ଟିମ୍ ଚାମ୍ପିୟନ ହୋଇଛି । ରବିବାର ଫାଇନାଲ ମ୍ୟାଚ୍‌ରେ ଗୁମ୍ମା ଟିମ୍‌କୁ ୩-୦ ସେଟ୍‌ରେ ସେଣ୍ଟ ପିଟର ଟିମ ପରାଜିତ କରିଛି। ଶ୍ରେଷ୍ଠ ଖେଳାଳି ଭାବେ ବି. ରାଜା (ଗୋଳାବନ୍ଧ), ଶ୍ରେଷ୍ଠ ହିଟର ଭାବେ ନକ୍ସଲ (ଗୁମ୍ମା), ଶ୍ରେଷ୍ଠ ନେଟର୍ ଭାବେ ଆୟୁଷ କୁମାର ନାୟକ (ମୋହନା) ଓ ଶ୍ରେଷ୍ଠ ଆକର୍ଷଣୀୟ ଖେଳାଳି ଭାବେ ବାଦଲ ନାୟକ (ମୋହନା) ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଆଇଆରଇର ଜି. କେ. ନାୟକ, ସୁରେଶ ଚନ୍ଦ୍ର ପାତ୍ର, ଈଶ୍ୱର ପରିଡା, ସମରେନ୍ଦ୍ର ସେନାପତି, ଅମୀୟ ଧଳ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କମିଟିର ରଜନୀକାନ୍ତ ପଟ୍ଟନାୟକ, ସମୀର ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ ।

### ବିବି ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

ଶଙ୍କରାଖୋଲ,୧୨।୧(ଡି.ଏନ୍.ଏ.): ଚକାପାଦ ବ୍ଲକ ଲାଇନ୍‌ପଡ଼ାରେ ଥିବା ବିବି ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଏହାକୁ କୁସୁମେଣ୍ଡି ସରପଞ୍ଚ କିଶୋର କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନା ମଞ୍ଜରୀ ଶାହା ଅଧକ୍ଷତା କରିଥିବା ବେଳେ ପୂର୍ବତନ ଉଚ୍ଚ ବିଦ୍ୟାଳୟର ସଭାପତି ଯୁଧିଷ୍ଠିର ବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ସଭାପତି ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ତଥା ହରପ୍ରିୟା କହଁର ଓ ଉମାକାନ୍ତ କହଁରଙ୍କୁ ପୁରସ୍କୃତ କରାଯାଇଥିଲା।

# ୩ ବର୍ଷ ହେବ ଅଚଳ ପଡ଼ିଛି ହ୍ୟାଚେରି ମେଶିନ

ରାୟଗଡ଼ା ଅଫିସ ,୧୨।୧

ରାୟଗଡ଼ାରେ କୁକୁଡ଼ା ବ୍ୟବସାୟର ଉନ୍ନତି ସହ ସ୍ଥାନୀୟ ଯୁବକଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାଜ୍ୟ ପଶୁପାଳନ ବିଭାଗ ପକ୍ଷରୁ ଗ୍ରାମ୍ୟ ସ୍ୱରୋଜଗାର ଯୋଜନାରେ ୨୦୧୬ରେ ରାୟଗଡ଼ା ସହର ରାଣୀଗୁଡ଼ା ଫାର୍ମ ଉଦ୍ୟାନ କାର୍ଯ୍ୟାଳୟ ନିକଟରେ ଏକ କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଥିଲା। ଏହି ଚିଆଁ ଉତ୍ପାଦନ କେନ୍ଦ୍ରରେ ହ୍ୟାଚେରୀ ମେଶିନ ବ୍ୟବହାର କରାଯାଇଥିଲା। ୨୦୧୬ରେ ଏଠାରେ ୨ ଥରରେ ୨୯୯୦ ଚିଆଁ ଉତ୍ପାଦନ କରାଯାଇଥିଲା। ଏହା ପରଠାରୁ ୧୫ଲକ୍ଷ ଟଙ୍କାର ଉକ୍ତ ମେଶିନଟି ଅଚଳ ହୋଇପଡିଛି। ଗୋଟିଏ ଥରରେ ୩୦୦୦ ଚିଆଁ ଉତ୍ପାଦନ କ୍ଷମତା ରଖୁଥିବା ମେଶିନ ଅକାମୀ ହେବା ଯୋଗୁ କୁକୁଡ଼ା ବ୍ୟବସାୟୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମେଶିନ ସହ ଚିଆଁ ଉତ୍ପାଦନ ଗୃହଟି ମଧ୍ୟ ଭୂତକୋଠି ଭଳି ପଡ଼ିରହିଛି। ରାୟଗଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳରେ ଦୈନିକ ହାରାହାରି ୨ ଟନ କୁକୁଡ଼ା ମାଂସର ଆବଶ୍ୟକତା ରହୁଛି। ଏଥିପାଇଁ ପ୍ରାୟତଃ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଫଳରେ ଆମ ରାଜ୍ୟ ରାଜସ୍ୱ ହରାଉଛି। କୁକୁଡ଼ା ଆମଦାନୀ ହେଉଥିବାରୁ ଏହାର ଯାତାୟାତ ଖର୍ଚ୍ଚ ଉପଭୋକ୍ତାଙ୍କ ପକେଟରୁ ଦେବାକୁ ପଡୁଛି। ଚିଆଁ ଉତ୍ପାଦନ କେନ୍ଦ୍ରଟି ଚାଲିଥିଲେ ସ୍ଥାନୀୟ ଅଞ୍ଚଳରେ କୁକୁଡା ଦାନା, ଔଷଧ ବିକ୍ରି ଆଦି ବହୁଳଭାବେ ହୋଇଥାନ୍ତା। କିଛି ବେକାର ଏହି ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇପାରିଥାନ୍ତେ ବୋଲି ବୃଦ୍ଧିଜୀବୀମାନେ କହିଛନ୍ତି। ଏନେଇ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ଦେବାନନ୍ଦ ବିଶ୍ୱାଳଙ୍କୁ ପଚାରିବାରୁ, ହ୍ୟାଚେରି ମେଶିନ ଅଚଳ ନେଇ ବାରମ୍ବାର ଜିଲାପାଳ ଏବଂ ପିଡ଼ିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ବନ୍ଦ ହୋଇ ରହିଥିବା କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କୋରାପୁଟିଆ ଗାନ୍ଧୀଙ୍କ ଜୟନ୍ତୀ, ବାଇରୁ ଗମାଙ୍ଗଙ୍କ ଶ୍ରାଦ୍ଧ ଦିବସ

ଗୁଣପୁର,୧୨।୧(ଡି.ଏନ.ଏ)

ରାୟଗଡା ଜିଲା ରାମନାଗୁଡା ବ୍ଲକ କୁଜେନ୍ଦ୍ରୀଠାରେ ରବିବାର କୋରାପୁଟିଆ ଗାନ୍ଧୀ ଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ଆନ୍ଦୋଳନର ପୁରଧା ବିଶ୍ୱନାଥ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତି ପାଳିତ ହୋଇଯାଇଛି । ଏଥିସହିତ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବାଇରୁ ଗମାଙ୍ଗଙ୍କ ୫୮ ତମ ଶ୍ରାଦ୍ଧ ଦିବସ ଓ ବାଇରୁଗମାଙ୍ଗ ଶିଶୁ ସଦନର ୨୧ ତମ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । ଏଥିରେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ରାମମୂର୍ତ୍ତି ମୁଟ୍ଟିକା, ରାମନାଗୁଡା ବ୍ଲକ ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ରାୟଗଡା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଗଗନ ଆଚାର୍ଯ୍ୟ, କଂଗ୍ରେସ ନେତା ରଘୁ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇମହାନ ପୁରୁଷଙ୍କ ପାଇଁ କୁଜେନ୍ଦ୍ରୀ ଗ୍ରାମ ଆଜି ଗର୍ବିତ ବୋଲି କହିବା ସହ ତାଙ୍କର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ । ପ୍ରାରମ୍ଭରେ ଶିଶୁ ସଦନର ପରିଚାଳକ ବିଚିତ୍ର ନନ୍ଦ ନାୟକ ବିବରଣୀ ପାଠ କରିଥିଲେ । ଶେଷରେ ରମେଶ ଶବର ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

■ ବଂଶଧାରା ବସନ୍ତ ମହୋତ୍ସବ

# ମେଗା କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଣପୁର,୧୨।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ବଂଶଧାରା ବସନ୍ତ ମହୋତ୍ସବର ୮ମ ମେଗା କ୍ରୀଡା ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ମାଣିକେଶ୍ୱରୀ ମନ୍ଦିରରୁ ମା'ଙ୍କ ଆଜ୍ଞାମାଳ ଅଣାଯାଇ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ମହୋତ୍ସବ ପଡିଆଠାରେ ପହଞ୍ଚିଥିଲା । ପରେ ସେଠାରେ କ୍ରୀଡା ପତାକା ଉତ୍ତୋଳନ କରାଯିବା ସହ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା । କ୍ରୀଡା କମିଟି ସଭାପତି ଦେବ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଯୋଗ ଦେଇଥିଲେ । ଭାରୋତ୍ତୋଳନରେ ଅର୍ଜୁନ ପୁରସ୍କାର ପ୍ରାପ୍ତ କେ.ରବି କୁମାର ମୁଖ୍ୟ ଆକର୍ଷଣ ସାଜିଥିଲେ । ଜାତୀୟସ୍ତରରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ୨୦ ଖେଳାଳୀଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ ସ୍କୁଲ ଏବଂ କଲେଜର କ୍ରୀଡା ଶିକ୍ଷୟିତ୍ରୀ , ଶିକ୍ଷକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, କ୍ରୀଡା ସଂସଦ ସମ୍ପାଦକ ସପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।





ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ ।

## ପୁଅ ଠେଙ୍ଗା ମାଡ଼ରେ ବାପା ମୃତ

ଚନ୍ଦ୍ରପୁର, ୧୨।୧(ଡି.ଏନ୍.ଏ.)

ପୁଅ ଠେଙ୍ଗା ମାଡ଼ରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଉଆପୁଟି ଗ୍ରାମର ଲଙ୍ଗେଶା ହିକାବାଡ଼ିକା(୬୦)ଙ୍କ ମୃତ୍ୟୁ ହୋଇଛି। ଚନ୍ଦ୍ରପୁର ପୋଲିସ ଅଭିଯୁକ୍ତ ବଡ଼ ହିକବାଡିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଅଭିଯୁକ୍ତ ବଡ଼ ହିକାବହଡ଼ିକା ସବୁବେଳେ ସ୍ତ୍ରୀଙ୍କ ସହ କଳି ଝଗଡ଼ା କରୁଥିଲେ। ଏପରି ନ କରିବାକୁ ଲଙ୍ଗେଶା ପୁଅ ବଡ଼ଙ୍କୁ ଅନେକ ସମୟରେ ବାରଣ କରୁଥିଲେ। କିନ୍ତୁ ଅଭିଯୁକ୍ତ ବଡ଼ ବାପାଙ୍କ କଥାକୁ କର୍ଣ୍ଣପାତ କରୁ ନ ଥିଲେ। ଘଟଣା ଦିନ ମଧ୍ୟ ଅଭିଯୁକ୍ତ ସ୍ତ୍ରୀଙ୍କ ସହ ଝଗଡ଼ା କରୁବା ସମୟରେ ଲଙ୍ଗେଶା ତାଙ୍କୁ ଅଟକାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ବଡ଼ ଲଙ୍ଗେଶାଙ୍କ ମୁଣ୍ଡଙ୍କୁ କାଠ ଫାଳିଆରେ ପିଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏ ନେଇ ପରଦିନ ସକାଳେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଚନ୍ଦ୍ରପୁର ଥାନାଧିକାରୀ ଅରୁଣ ନାୟକ କହିଛନ୍ତି।

## ବାଇକ୍‌କୁ ଧକ୍କା ଦେଲା କାର୍, ୩ ଗୁରୁତର

ଚନ୍ଦ୍ରଗିରି,୧୨।୧(ଡି.ଏନ.ଏ.)

ମୋହନା ଥାନା ଚନ୍ଦ୍ରଗିରି ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରେ ରବିବାର ଏକ ବାଇକ୍‌କୁ କାର ଧକ୍କା ଦେବାରୁ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ବ୍ରହ୍ମପୁରର ରାଧାକାନ୍ତ ରଥ, ତାଙ୍କ ସ୍ତ୍ରୀ ସଙ୍ଘମିତ୍ରା ଏବଂ ଝିଅ ଶ୍ରୀୟାଂସି। ଅପରାହ୍ଣରେ ଏମାନେ ବୌଦ୍ଧ ମନ୍ଦିର ଦେଖି ବାଇକ୍‌ରେ ବ୍ରହ୍ମପୁର ଫେରୁଥିବା ବେଳେ ଏକ କାର ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ସିଆର୍‌ପିଏଫ୍‌ର ଜନସମ୍ପର୍କ କାର୍ଯ୍ୟକ୍ରମ

ବିଷମକଟକ ,୧୨।୧(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ବ୍ଲକ ଚାଞ୍ଚଡାଗୁଡାଠାରେ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ ତରଫରୁ ଏକ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦ୍ୱିତୀୟ କମାଣ୍ଡାଣ୍ଟ ମିଠୁ ରାୟ ମୁଖ୍ୟଅତିଥି, ସିଆର୍‌ପିଏଫ୍ ଇନ୍ସପେକ୍ଟର ବଜରଙ୍ଗ ସିଂ, ଚାଞ୍ଚଡାଗୁଡା ସରପଞ୍ଚ ଚଞ୍ଚଳା ୱାଡକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ କିପରି ସୁ ସମ୍ପର୍କ ସ୍ଥାପନ ହୋଇପାରିବ, ସେ ନେଇ ଅତିଥିମାନେ ସଚେତନ କରିଥିଲେ । ଏହି ଅବସରରେ ସିଆର୍‌ପିଏଫ୍ ତରଫରୁ ଗରିବ ପୁରୁଷ ମହିଳାମାନଙ୍କୁ ଲୁଗା,ଲୁଙ୍ଗି, ଟାୱେଲ ପ୍ରଦାନ କରାଯାଇଥିଲା ।



ଗରିବଙ୍କୁ ଶାଢ଼ି ପ୍ରଦାନ କରାଯାଉଛି।

# ଆଇନ ସଚେତନତା କାର୍ଯ୍ୟକ୍ରମ





ଆଇନ ସମ୍ପର୍କରେ ସଚେତନତା କରାଯାଉଛି।

ରାୟଗଡା ଅଫିସ, ୧୨।୧

ରାୟଗଡା ଜିଲା ବିଷମକଟକ ବ୍ଲକ ଚାଟିକଣା ହାଇସ୍କୁଲରେ ତାଲୁକ ଲିଗାଲ ସର୍ଭିସ କମିଟି ପକ୍ଷରୁ କିନ୍ନରମାନଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ କୁମାର ସ୍ପନ୍ଦନ ଏବଂ ସବ୍‌ଜଜ୍ ସୁଷମା ସ୍ୱାଇଁ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କିନ୍ନର ସାମିଲ ହୋଇଥିଲେ । ଅତିଥିମାନେ କିନ୍ନରମାନଙ୍କ ପାଇଁ ଥିବା ଆଇନଗତ ଅଧିକାର ବିଷୟରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଆଇନଜୀବୀ ବଡ ଗୌଡ଼ ଯୋଗ ଦେଇଥିଲେ । କିନ୍ନର ମାନଙ୍କୁ ମୁଖ୍ୟ ସ୍ରୋତ ରେ ସାମିଲ କରିବା ପାଇଁ ସେମାନଙ୍କ ଅଧିକାର ବିଷୟରେ ଅବଗତ କରାଯାଇଥିଲା ।

■ ଜିଲା ପରିଷଦ ଅଧ୍ୟକ୍ଷଙ୍କ ମୃତ୍ୟୁ ପର୍ଦ୍ଦାଫାଶ ଦାବି

# ଆଜି କଂଗ୍ରେସର ରାସ୍ତାରୋକୋ

ଗୁଣପୁର,୧୨।୧(ଡି.ଏନ.ଏ)

ରାୟଗଡା ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗଙ୍କ ଗତ ୨୪ ତାରିଖରେ ରାମନାଗୁଡା ବ୍ଲକର ତାଣ୍ଡିକଣା ଛକଠାରୁ କିଛି ଦୂରରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ଏହି ଘଟଣାର ତଦନ୍ତ କରି ପ୍ରକୃତ ରହସ୍ୟ ଉନ୍ମୋଚନ କରିବାକୁ ଦାବି କରିଛି କଂଗ୍ରେସ । ମୃତ୍ୟୁ ରହସ୍ୟ ଖୋଲିବାରେ ପୋଲିସ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରି ସୋମବାର ରାମନାଗୁଡା ବ୍ଲକଠାରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିବ। ଫଳରେ ଗୁଣପୁରଠାରୁ ରାୟଗଡା ଏବଂ ବ୍ରହ୍ମପୁରଠାରୁ ରାୟଗଡା ମଧ୍ୟରେ ଯାତାୟତ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି ।ଏହି କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜିଲାସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ ଦଳୀୟ ନେତା ଏବଂ କର୍ମୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ

ଗୁଣପୁର,୧୨।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ନୂତନ ବସଷ୍ଟାଣ୍ଡସ୍ଥିତ ଚଇତି ପଡିଆଠାରେ ବିବେକାନନ୍ଦ କନ୍ୟା କୁମାରୀ ଶାଖା ପକ୍ଷରୁ ଜାତୀୟ ଯୁବ ଦିବସ ଅବସରରେ ରବିବାର ସାମୂହିକ ସୂର୍ଯ୍ୟ ନମସ୍କାର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ର ଭାଗ ନେଇ ସୂର୍ଯ୍ୟ ନମସ୍କାର କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଯୋଗ ଶରୀର ପାଇଁ କି ଉପଯୋଗିତା ରହିଛି ସେନେଇ କହିଥିଲେ । ମୁଖ୍ୟବକ୍ତା ଭାବେ ବିବେକାନନ୍ଦ ଭଞ୍ଜ ବିଭାଗର ପ୍ରମୁଖ ଡ.ସଚ୍ଚିଦାନନ୍ଦ ପାତ୍ର ଯୋଗ ଦେଇ ବିବେକାନନ୍ଦଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ । ଗୁଣପୁର ଶାଖା ସଞ୍ଚାଳକ ଜଗନ୍ନାଥ ପଟ୍ଟନାୟକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ । ରାଜେଶ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ନଗର ପ୍ରମୁଖ ପ୍ରତିଭା ରଥଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟ ନମସ୍କାର ପରିଚାଳନା କରାଯାଇଥିଲା। କେ.ପ୍ରବୀଣରାଜୁ, ନୀଳାଦ୍ରି ତ୍ରିପାଠୀ, ନିତ୍ୟାନନ୍ଦ ସାହୁ, ଶ୍ରୀକାନ୍ତ ଶତପଥୀ, ନିଗମାନନ୍ଦ ପାଣିଗ୍ରାହୀ, ନିତ୍ୟାନନ୍ଦ ମହାପାତ୍ର, ସଦାନନ୍ଦ ପଣ୍ଡା ଏବଂ ଗଣେଶ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗୁଣପୁର କଲେଜଠାରେ ମଧ୍ୟ ଜାତୀୟ ଯୁବ ଦିବସ ତଥା ବିବେକାନନ୍ଦଙ୍କ ୧୫୭ତମ ଜୟନ୍ତୀ ପାଳନ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ପରିସରରେ ଥିବା ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । କଲେଜ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ରହି ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗ ମୁଖ୍ୟ ଡ.ଜବାହାରଲାଲ ଚୌଧୁରୀ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଶଶିଭୂଷଣ ମହାନ୍ତି, ଶିବ ପ୍ରସାଦ ତ୍ରିପାଠୀ, ଅମିୟ ମହାନ୍ତି, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ରାଷ୍ଟ୍ର ଗଠନରେ ପିଲାବ୍ରତି ହେବାକୁ ମାର୍ଗ ଦର୍ଶନ କରିଥିଲେ । ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ର ଯୋଗ ଦେବାସହ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଏନ୍‌ଏସ୍‌ଏସ୍ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ କୁଳପତି ଡ.ଗୌତମ ଘୋଷଙ୍କ ସମେତ ପ୍ରିନ୍ସିପାଲ ଡ.କେ.ସେନ୍ଥିଲ କୁମାର, ପରୀକ୍ଷା ନିରୀକ୍ଷକ ଡ. ପି. ବିଜୟ କୁମାର, ଡ.ସନ୍ତୋଷ କୁମାର ପଣ୍ଡା, ଡ.କୈଳାସ ବିହାରୀ ମହାପାତ୍ର, ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡ.ପ୍ରେମାଂଶୁଶେଖର ରଥ ପ୍ରମୁଖ ଉପସ୍ଥିତ ରହି ବିବେକାନନ୍ଦଙ୍କ ଉପରେ ମାର୍ଗଦର୍ଶନ କରିଥିଲେ ।



ଛାତ୍ରୀଛାତ୍ରମାନେ ସାମୂହିକ ସୂର୍ଯ୍ୟ ନମସ୍କାର କରୁଛନ୍ତି ।

# ଜୟପୁରକୁ ହରାଇ ଲମତାପୁଟ ଚାମ୍ପିୟନ

ଜୟପୁର,୧୨।୧(ଡି.ଏନ୍.ଏ.)

ଜୟପୁର ଦଶହରା ପଡ଼ିଆରେ ଅନୁଷ୍ଠିତ ବାବୁଲା ମେମୋରିଆଲ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟରେ ଲମତାପୁଟ ଦଳ ଚାମ୍ପିୟନ ହୋଇଛି। ଜୟପୁର ସହରର ହିଟସ୍ କ୍ରିକେଟ ଦଳକୁ ୬ ୱିକେଟରେ ହରାଇ ବିଜୟୀ ହୋଇଛି ଲମତାପୁଟ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜୟପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରାରମ୍ଭରୁ ଲମତାପୁଟ ଦଳର ଚମତ୍କାର ବୋଲିଂ ଯୋଗୁ ଜୟପୁର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୩୨ ରନ କରିଥିଲା। ଦଳ ପକ୍ଷରୁ ରାଜେଶ ୧୮ଟି ବଲରେ ୩୯ ରନ କରିଥିବା ବେଳେ ବିପକ୍ଷ ଦଳର ଗୌରବ ୨୦ ରନ ଦେଇ ୩ଟି ୱିକେଟ ନେଇଥିଲେ। ଜବାବରେ ଲମତାପୁଟ ୧୪ ଓଭରରେ ୪ ୱିକେଟ ହରାଇ ୧୩୩ ରନ କରି ବିଜୟୀ ହୋଇଥିଲା। ଆଶିଷ ୩୦ ବଲରେ ୫୦ ରନ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ଫାଇନାଲରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୨୫ ହଜାର ଓ ଉପବିଜେତା ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମହିଳା କ୍ରୀଡ଼ାବିତ୍ ତଥା ଓଏଏସ୍ ପାଇଥିବା ରିତୁ ସିଂ, କ୍ରୀଡ଼ା ସଂଘ ଉପ ସଂପାଦକ ରବି ନାୟକ, ରଞ୍ଜିତ ବାଘ ଉପସ୍ଥିତ ଥିଲେ। ରାଜବିର ନାୟକ, ଜଗନ୍ନାଥ ଅଧିକାରୀ, ବାପି ପରିଡ଼ା, ପ୍ରବୀଣ ସିଂ, ସନ୍ତୋଷ ବାଘ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
-ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ମନ୍ଦିର ପରିସର ସଫା କଲେ ଛାତ୍ରୀଛାତ୍ର



ପାପଡାହାଣ୍ଡି,୧୨।୧(ଡି.ଏନ.ଏ): ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଯୁବ ଦିବସ ପାଳନ କରାଯାଇଛି । ଛାତ୍ରୀଛାତ୍ରମାନେ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଅବଗତ ହୋଇଥିଲେ। ମାଝିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ନେଇ ବାର୍ତ୍ତା ଦେଇଥିଲେ । ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଏକ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ପ୍ରଧାନ ଶିକ୍ଷକ ବାବୁଲାଲ ହରିଜନଙ୍କ ସହଯୋଗରେ ସ୍ଥାନୀୟ ମନ୍ଦିର ପରିସରରେ ସଫା ସୁତୁରା କରିଥିଲେ। ଲୋକଙ୍କୁ ସ୍ୱଚ୍ଛତା ନେଇ ସଚେତନ କରାଇଥିଲେ।

### ୪.୭୯ କୁଇଣ୍ଟାଲ ଗଞ୍ଜେଇ ଜବତ

ଉମରକୋଟ,୧୨।୧(ଡି.ଏନ.ଏ): ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଯୁଭି-୬ ମୂର୍ତ୍ତୁଗାଁର ଦୁଲାର ମଜୁମଦାରଙ୍କ ଘରେ ଅବକାରୀ ପୋଲିସ ଚଢାଉ କରି ୪.୭୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଦୁଲାର ଗଞ୍ଜେଇ ଚାଲାଣ କରିବା ପାଇଁ ଘରେ ଆଣି ରଖିଥିଲେ। ତେବେ ଏ ସମ୍ପର୍କରେ କୌଣସି ସୂତ୍ରରୁ ଅବକାରୀ ପୋଲିସ ଖବର ପାଇଥିଲା। ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ବିପ୍ରଚରଣ, ଏସଆଇ ଚିତ୍ତରଞ୍ଜନ ପଟ୍ଟନାୟକ, ଉମରକୋଟ ଇନ୍ସପେକ୍ଟର ଜଗଦୀଶ ପ୍ରଧାନ ନାଥ, ଡାବୁଗାଁ ସବଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ଦାଶ,ଏସଆଇ ଜଗବନ୍ଧୁ ଜାନୀ ମିଳିତ ଭାବେ ଦୁଲାରଙ୍କ ଘରେ ଚଢାଉ କରିଥିଲେ। ଖବର ପାଇଁ ନବରଙ୍ଗପୁର ଅବକାରୀ ଏସପି ପ୍ରଦୀପ ପଟ୍ଟନାୟକ ପହଞ୍ଚିଥିଲେ। ମୋଟ ୪.୭୯ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ମଜୁମଦାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

### ମା'ଗୃହ ଉଦ୍‌ଘାଟିତ



ଦାମନଯୋଡ଼ି,୧୨।୧(ଡି.ଏନ୍.ଏ.): ମାଥାଲପୁଟ ହାଟପଦା ନିକଟରେ ମା' ଗୃହ ଶନିବାର ଉଦ୍‌ଘାଟିତ ହୋଇଛି। ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ୬ ଜଣ ଗର୍ଭବତୀଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଦୁର୍ଗମ ଅଞ୍ଚଳରୁ ଠିକ୍ ସମୟରେ ଆସିପାରୁ ନ ଥିବା ଗର୍ଭବତୀଙ୍କୁ ପ୍ରସବ ପୂର୍ବରୁ ଏଠାରେ ରଖାଯାଇ ଯତ୍ନ ନିଆଯିବ। ଉଦ୍‌ଘାଟନୀ ସମୟରେ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି, ବିଡିଓ ନରେନ୍ଦ୍ର ନାୟକ, ଜିଲା ପରିଷଦ ସଦସ୍ୟ ପୂର୍ଣ୍ଣିମା ଜାନି, ବ୍ଲକ ଉପାଧକ୍ଷ ମୁରଲି ଖରା, ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ ନାୟକ. ଡା. ଶୁଭ୍ରସ୍ମିତା ଜେନା, ବିପିଏମ୍ ନୂତନ ସିଂ ଉପସ୍ଥିତ ଥିଲେ। ଏହି ମା' ଗୃହ ପରିଚାଳନା ଦାୟିତ୍ୱ ନବରଙ୍ଗପୁରର ଗ୍ରାମ୍ୟ ବିକାଶ ସଙ୍ଗଠନ ହାତକୁ ନେଇଛି। ଉଦ୍‌ଘାଟନୀ ଅବସରରେ ସଙ୍ଗଠନ ଅଧକ୍ଷ ଈଶ୍ୱର ପ୍ରସାଦ ସାବୁତ, ଉପାଧକ୍ଷ ଭଗବାନ ଓଝା, କର୍ମଚାରୀ ଆଶିଷ ନାୟକ, ସଂଯୋଜିକା ରଶ୍ମି ମଣ୍ଡଳ, ସହାୟିକା ସୁଷମା ବିଶୋୟୀ ଯୋଗ ଦେଇଥିଲେ।

# ସିଏଏକୁ ନେଇ ବୁଦ୍ଧିଜୀବୀଙ୍କ ସମାବେଶ

ନବରଙ୍ଗପୁର,୧୨।୧(ବି.ପ୍ର.)





କାର୍ଯ୍ୟକ୍ରମରେ ଭାଜପା ନେତା ଓ ଅନ୍ୟମାନେ।

ସ୍ଥାନୀୟ ଦାରୁବନ୍ଧସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସମ୍ମିଳନୀ କକ୍ଷଠାରେ ରବିବାର ସନ୍ଧ୍ୟାରେ ସଂଶୋଧିତ ନାଗରିକ ଆଇନ (ସିଏଏ)କୁ ନେଇ ଏକ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଯୋଗଦେଇ କେନ୍ଦ୍ର ସରକାର ଏହି ନାଗରିକ ସଂଶୋଧନ ଆଇନ କାର୍ଯ୍ୟକାରୀ କରିଛନ୍ତି। କେତେକ ରାଜନୈତିକ ଦଳ ଏହାକୁ ନେଇ ଆନ୍ଦୋଳନ ଓ ହିଂସା ସୃଷ୍ଟି କରି ଦେଶର ସମ୍ପତ୍ତି ନଷ୍ଟ କରୁଛନ୍ତି। ଏଥିରେ ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ନାଗରିକ ଦେବାର ନିୟମ ରହିଛି । ପାକିସ୍ତାନ, ଆଫଗାନିସ୍ତାନ ଓ ବାଲାଂଦେଶ ମୁସଲମାନ ରାଷ୍ଟ୍ର ହୋଇଥିବାବେଳେ ଏଠାରେ ରହୁଥିବା ୬ଟି ସଂଖ୍ୟାଲଘୁ ଧର୍ମାବଲମ୍ବୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଛି । ସେମାନେ ଭାରତରେ ଶରଣାର୍ଥୀ ଭାବେ ବହୁ ଦୟନୀୟ ଭାବେ ରହିଛନ୍ତି। ସେମାନଙ୍କୁ ନାଗରିକତା ଦେବା ପାଇଁ କେନ୍ଦ୍ରର ସରକାର ସଂଶୋଧୀତ ନାଗରିକ ଆଇନ କାର୍ଯ୍ୟକାରୀ କରିଛନ୍ତି । ଭାରତରେ ମୁସଲମାନ ସବୁଠାରୁ ଅଧିକ ସୁରକ୍ଷିତ ରହିଥିବା କହିଥିଲେ । ତେଣୁ ବୁଦ୍ଧିଜୀବୀମାନେ ଏହାର ବିଚାର କରିବାକୁ ସେ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଡଃ.ବିଜୟ କୁମାର ମିଶ୍ର ଯୋଗଦେଇ ଏହି ଆଇନ ଦେଶର ମଙ୍ଗଳ ପାଇଁ କରାଯାଇଛି। ଏହି ଆଇନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ । ପଡୋଶୀ ଦେଶର ଅତ୍ୟାଚାରିତ ଓ ନିଷ୍ପେଷିତଙ୍କୁ ଆଶ୍ରୟ ଦେବା ପାଇଁ କରାଯାଇଥିବା କହିଥିଲେ। ତେବେ ଏହାକୁ ନେଇ ହିଂସା ଓ ଭୟ ସୃଷ୍ଟି କରାଇବା ଅନୁଚିତ ବୋଲି ମତପୋଷଣ କରିଥିଲେ । ଅନ୍ୟତମ ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରୀତାରାଣୀ ପଟ୍ଟନାୟକ ଏହି ଆଇନ ଦ୍ୱାରା ପଡୋଶୀ ତିନୋଟି ଦେଶ ଦ୍ୱାରା ଧାର୍ମିକ ଉତ୍ପୀଡନର ଶୀକାର ହୋଇଥିବା ଲକ୍ଷ ଲକ୍ଷ ଅତ୍ୟାଚାରିତ ପରିବାର ସମ୍ମାନର ସହ ବଞ୍ଚିବେ । ଅନ୍ୟମାନଙ୍କର ମଧ୍ୟରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ଏମପି ଇଂ.ବଳଭଦ୍ର ମାଝୀ ଓ ପର୍ଶୁରାମ ମାଝୀ ମଞ୍ଚାସୀନ ଥିଲେ।

■ ବିଚାରପତିଙ୍କ ମାନବିକତା

# ଆହତଙ୍କୁ ପହଞ୍ଚାଇଲେ ମେଡିକାଲ

ଉମରକୋଟ,୧୨।୧(ଡି.ଏନ.ଏ)



ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇ ରାସ୍ତାରେ ପଡିଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ବିଚାରପତିମାନେ ଯାଉଥିବା ବେଳେ ଏହା ଦେଖି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଦେଖିବାକୁ ମିଳିଥିଲା ବିଚାରପତିଙ୍କ ନିକଟରେ ମାନବିକତା । ଜିଲା ଜଜ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଜିଲା ଜଜ ଅନିଲ କୁମାର ଦତ୍ତ, ସବଜଜ ପ୍ରଶାନ୍ତ କୁମାର ବେହେରା ପୋଡାଗଡରୁ ବଣଭୋଜି କରି ଫେରୁଥିଲେ। ଏହି ସମୟରେ ଜିରାଗୁଡା ନିକଟରେ ସାଇକେଲ ଓ ବାଇକ ମଧ୍ୟରେ ଦୁର୍ଘଟଣା ହୋଇ ୨ ଜଣ ଗୁରୁତର ଅବସ୍ଥାରେ ରାସ୍ତାରେ ପଡିଥିବା ବିଚାରପତିମାନେ ଦେଖିଥିଲେ। ଆହତମାନଙ୍କୁ ବିଚାରପତିମାନେ ଉଦ୍ଧାର କରି ଏକ ଅଟୋରେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏଥିସହ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିଜ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସିତ କରାଇଥିଲେ।

# ଯୁବ ଦିବସରେ ମାରାଥନ ଦୌଡ଼



ଯୁବ ଦିବସ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀମାନେ।

କୁନ୍ଦୁରା,୧୨।୧(ଡି.ଏନ୍.ଏ.)

ଜାତୀୟ ଯୁବ ଦିବସ ଅବସରରେ ରବିବାର କୁନ୍ଦୁରା ବ୍ଲକରେ ମୋଟ ୫୦/୬୦ ଯୁବକଙ୍କୁ ନେଇ ଏକ ମିନି ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଯୁବକମାନେ ପ୍ରାୟ ୫ କିମି ଦୂରତା ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ଏହା ସାଗରଗୁଡ଼ା, କାଳିଆ କାଦର୍ ଦେଇ କୁନ୍ଦୁରାରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତ୍ରିନାଥ ହରିଜନ ଯୋଗଦେଇ ଯୁବକଙ୍କୁ ଉତ୍ସାହିତ କରିଥିଲେ। ଶାସ୍ତ୍ରୀ ମଇଦାନ ଖେଳ ପଡ଼ିଆରେ କାର୍ଯ୍ୟକ୍ରମ ଶେଷ ହେବା ସହ ବିକି, କାଜଲ, ରକି, ସିପୁ, ବିଜୁ ଯୁବ ବାହିନୀ, ନେହେରୁ ଯୁବ କେନ୍ଦ୍ର ଏହାକୁ ପରିଚାଳନା କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ





ରୋଗୀ କଲ୍ୟାଣ ସମିତି ବୈଠକରେ ପଟ୍ଟାଙ୍ଗୀ ବିଧାୟକଙ୍କ ସହ ଅନ୍ୟମାନେ।

ଦାମନଯୋଡ଼ି,୧୨।୧(ଡି.ଏନ୍.ଏ.)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ସମିତି ଅଧକ୍ଷ ତଥା ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆୟବ୍ୟୟ ହିସାବ, ଗାଁ କଲ୍ୟାଣ ସମିତି ଖର୍ଚ୍ଚ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ, ରୋଗୀଙ୍କୁ ସର୍ବୋତ୍ତମ ସେବା, ମିଟିଂ ହଲ୍, ଷ୍ଟାଫ୍ କ୍ୱାର୍ଟର୍ସ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ସେବା ବିଷୟରେ ଆଲୋଚନା ହୋଇ ପ୍ରସ୍ତାବ ନିଆଯାଇଥିଲା। ଏଥିରେ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି, ବିଡିଓ ନରେନ୍ଦ୍ର ନାୟକ, ବ୍ଲକ ଉପାଧକ୍ଷ ମୁରଲି ଖରା, ଜିଲା ପରିଷଦ ସଦସ୍ୟା ପୂର୍ଣ୍ଣିମା ଜାନି, ସିଡିପିଓ ସୁଷମା ମହାପାତ୍ର ଉପସ୍ଥିତ ଥିଲେ। ବୈଠକରେ କୁଷ୍ଠ, ମ୍ୟାଲେରିଆ ନିୟନ୍ତ୍ରଣ ଓ ପଲ୍‌ସ ପୋଲିଓର ବ୍ଲକ ଟାସ୍କ ଫୋର୍ସ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ ନାୟକ, ଡା. ଶୁଭ୍ରସ୍ମିତା ଜେନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ବ୍ଲକ ପରିଚାଳିକା ନୂତନ ସିଂ, ସୁପରଭାଇଜର ମକର ଜାନି, ରାଧିକା ସୋରେନ, ସୀମାଞ୍ଚଳ ପରିଡ଼ା, ଭିବିଡିଟିଏସ୍ ନୀଳକଣ୍ଠ ପାଣି, ଆଇସିଡିଏସ୍ ଚନ୍ଦ୍ରିକା ମହାପାତ୍ର ଉପସ୍ଥିତ ଥିଲେ।

### ବାଇକ୍-ଟ୍ରକ୍ ଧକ୍କା: ଯବାନ ଗୁରୁତର

କୋଲାବନଗର,୧୨।୧(ଡି.ଏନ୍.ଏ.)

କୋଲାବ ଜଳଭଣ୍ଡାର ରାସ୍ତା ୪ ନମ୍ବର କ୍ୱାରି ନିକଟରେ ରବିବାର ସକାଳେ ଏକ ବାଇକ୍ ଓ ଟ୍ରକ ଧକ୍କା ହେବା ଫଳରେ ସପ୍ତମ ବାଟାଲିୟନର ଜଣେ ଯବାନ ଗୁରୁତର ଓ ଅନ୍ୟଜଣେ ସାମାନ୍ୟ ଆହତ ହୋଇଛନ୍ତି। ସେମାନେ ହେଲେ ହାବିଲଦାର ଏକଲବ୍ୟ ସାହୁ ଓ କନଷ୍ଟେବଲ ପ୍ରଦୀପ ନାୟକ। ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ଏକଲବ୍ୟ ଓ ପ୍ରଦୀପ ନାୟକ ଏକ ୟାମାହା ବାଇକ (ଓଡି-୦୨ଏଓ-୬୬୨୭) ଯୋଗେ କୋରାପୁଟ ଯାଉଥିଲେ। ଏହି ସମୟରେ କୋଲାବ ଜଳଭଣ୍ଡାର ୪ ନମ୍ବର କ୍ୱାରୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟିପ୍ପ ବୋଝେଇ ଟ୍ରକ (ଓଆର୍-୧୦-ଏ-୪୬୨୪) ସହ ବାଇକ୍ ଧକ୍କା ହୋଇଥିଲା। ବାଇକରେ ଥିବା ଏକଲବ୍ୟ ଓ ପ୍ରଦୀପ ରାସ୍ତାରେ ପଡ଼ିଯାଇଥିଲେ। ଏକଲବ୍ୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଦୀପ ସାମାନ୍ୟ ଆହତ ହୋଇଥିଲେ। ଉଭୟଙ୍କୁ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଖବରପାଇ କୋଲାବ ଫାଣ୍ଡି ଅଧିକାରୀ ଅର୍ଜୁନ ବାଙ୍କିଆ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛନ୍ତି।

### ଗାଡି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଯୋଡ଼ା ୧୨।୧(ଡି.ଏନ.ଏ.):

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦାଫାଣ୍ଡି ଅନ୍ତର୍ଗତ ତଥା ୫୨୦ନଂ ଜାତୀୟ ରାଜପଥର ବିଲେଇପଦା କାରଣ ସାହି ଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମିଳିଥିବା ସୂଚନାନୁଯାୟୀ ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ବିଲେଇପଦାଠାରୁ ରିମୁଳି ଅଭିମୁଖେ ଏକ ବାଇକ୍ ଯୋଗେ କିଶୋର କୁମାର ଗଡନାୟକ(୩୫) ନାମକ ଯୁବକ ଯାଉଥିବା ବେଳେ ଉକ୍ତସ୍ଥାନରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ କୃଷିଭିତ୍ତିକ ସଚେତନତା





ପଥପ୍ରାନ୍ତ ନାଟକ ପରିବେଷଣ କରାଯାଉଛି।

ତେନ୍ତୁଳିଖୁଣ୍ଟି,୧୨।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଗ୍ରାମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ କୃଷିଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ତଥା କୃଷକଙ୍କ ଉନ୍ନତି ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ନାଟକ ମାଧ୍ୟମରେ ପରିବେଷଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା, ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା, କାଳିଆ ଯୋଜନା ଆଦି ସମ୍ପର୍କରେ ସୂଚନା ଦିଆ ଯାଇଥିଲା। କୃଷି କ୍ଷେତକୁ ଜଳସେଚନ ପାଇଁ ମୋଟର୍ସ ପମ୍ପ ଆଦି ରିହାତି ଦରରେ ଯୋଗାଇ ଦିଆଯାଉଥିବା , ଏହି ଯୋଜନାର ଲାଭ ନେବା ନିମନ୍ତେ ଆହ୍ୱାନ ଭିତ୍ତିକ ନାଟକ ପରିବେଷିତ ହୋଇଥିଲା। ସହକାରୀ କୃଷି ଅଧିକାରୀ ଅମିତ କୁମାର ମଲିକ, ଅଭିମନ୍ୟୁ ମାଝି, କୃଷି ଓଭରସିୟର ଗୌରୀ ବିଶୋୟୀ, କୃଷି ଗ୍ରାମ ସେବକ ସୁଧିର ବେନିଆ, ଦୀପ୍ତି ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ପାଠାଗାରରେ ଯୁବ ଦିବସ

ସେମିଳିଗୁଡ଼ା,୧୨।୧(ସ୍ୱ.ପ୍ର.)





କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକଙ୍କ ସହ ଅନ୍ୟ ଅତିଥି।

କୋରାପୁଟ ଜିଲା ସେମିଳିଗୁଡ଼ା ଶ୍ରୀଅରବିନ୍ଦ ପାଠାଗାରରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଏବଂ ଅନ୍ୟତମ ଅତିଥି ଭାବେ ସୁନାବେଡ଼ା ପୌରାଧକ୍ଷା ଶୁଭଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ପାଠାଗାରର ସ୍ୱେଚ୍ଛାସେବୀ କାମଦେବ ସାହୁ ପ୍ରାରମ୍ଭିକ ଭାଷଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପାଠାଗାର ସଂଚାଳିକା ଡ. ଝାନସୀ ସିଂହ ସଭା ପରିଚାଳନା କରିଥିଲେ। ୨ଟି ଅଧିବେଶନରେ ଯୁବ ଦିବସ ପାଳନ କରାଯାଇଥିଲା। ପ୍ରଥମ ଅଧିବେଶନରେ ୨ ଯୁବକ ପଙ୍କଜ କୁମାର ପ୍ରଧାନ ଓ ଉମା ପ୍ରକାଶ ଧଳଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ପାଠାଗାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ସେଥିରେ କାମଦେବ ସାହୁ, ଶିବାନୀ ସାମଲ, ବର୍ଷାରାଣୀ ରାଉତ, ସ୍ୱାଧୀନ ପ୍ରସାଦ ରାଉତ, ମୋହନ ପାଙ୍ଗି, ସୁନୀତା ଗେମେଲ, ବିଭୂତି ଗୌଡ଼, ସୁଜାତା ସାହୁ, ଜସ୍ମିନ କୁଲଦୀପ ଭାଗ ନେଇଥିଲେ। ପାଠାଗାର ସଭାପତି କୈଳାସ ପଣ୍ଡା ସଭାପତିତ୍ୱ କରିଥିଲେ ଓ ଅଜୟ ଇଡିଂ ଧନ୍ୟବାଦ ଦେଇଥିଲେ।

# ଆନାଟୋମିକାଲ ସୋସାଇଟି ବାର୍ଷିକ ସମ୍ମିଳନୀ

ସେମିଳିଗୁଡ଼ା,୧୨।୧(ସ୍ୱ.ପ୍ର.)



ବାର୍ଷିକ ସମ୍ମିଳନୀରେ କୋରାପୁଟ ଜିଲାପାଳଙ୍କ ସହ ଅନ୍ୟମାନେ।

କୋରାପୁଟ ଜିଲା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ରବିବାର ଆନାଟୋମିକାଲ ସୋସାଇଟି ଅଫ୍ ଇଣ୍ଡିଆର ୩୨ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶରୀର ଗଠନ ବିଜ୍ଞାନ ଉପରେ ଆଲୋଚନା। ୨ ଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାହାରର ବିଶେଷଜ୍ଞମାନେ ଭାଗ ନେଇଥିଲେ। ତାଙ୍କ ସହ ଅବସରପ୍ରାପ୍ତ ପ୍ରଫେସର ଏବଂ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଆଣ୍ଡ ହସ୍ପିଟାଲ ଉପସ୍ନାତକ ଛାତ୍ର ସଭାପତିଡା. ପି.କେ. ଟିନାରା, ଡା. ମନୋଜ କୁମାର ଦେହୁରୀ, ପ୍ରଫେସର କେ.ସି. ବିଶ୍ୱାଳ, ଡା. ଜାମି ସାଗର ପୃଷ୍ଟି ଉପସ୍ଥିତ ଥିଲେ। ଉପସ୍ନାତକ ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଇ-ପେପର ପ୍ରେଜେଣ୍ଟେସନ ଉପସ୍ଥାପନ କରି କାଗଜର ଅନାବଶ୍ୟକ ବ୍ୟବହାର କମାଇବା ଓ ପ୍ଲାଷ୍ଟିକର ବ୍ୟବହାର ରୋକିବା ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. କେ. ରାମାରାଓ, ପ୍ରଫେସର ଡା. ଲଲାଟେନ୍ଦୁ ସ୍ୱାଇଁ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶୀ, ଢେମ୍‌ସା, ବଲ୍ଲିଉ୍ ନମ୍ବର ମଧ ଆୟୋଜନ କରାଯାଇଥିଲା। ଜିଲା ମାଜିଷ୍ଟ୍ରେଟ ତଥା କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର, ପ୍ରଫେସର ଡା. ହିମବିନ୍ଦୁ ନାଲୁରୀ ଏଥିରେ ଭାଗ ନେଇଥିଲେ।

# ଯୁବସମାଜ ପାଇଁ ପ୍ରେରଣାର ଉତ୍ସ ବିବେକାନନ୍ଦ

ଡାବୁଗାଁ, ୧୨।୧ (ଡି.ଏନ.ଏ.)



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଧକ୍ଷଙ୍କ ସହ ଛାତ୍ରୀ ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଛାତ୍ରୀମାନେ ଏହା ପାଳନ କରିଥିଲେ । ପରିଶ୍ରମ ହିଁ ସଫଳତାର ମୂଳ ମନ୍ତ୍ର ବୋଲି ପ୍ରଧାନ ଶିକ୍ଷକ କହିଥିଲେ । ବିବେକାନନ୍ଦ ହେଉଛନ୍ତି ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ବିଷୟରେ ଛାତ୍ରୀମାନେ ଅଭିଭାଷଣ କହିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଆରତୀ ବିଶୋୟୀ, ରଶ୍ମୀରାଣୀ ପଣ୍ଡା, ଅଧାପକ ସନାତନ ଭୋଇ, ଦୀପ୍ତିରଞ୍ଜନ ବେହେରା ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଛାତ୍ରୀ ମାନଙ୍କୁ କହିଥିଲେ। ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ତର୍କ ବିଭାଗରେ ପ୍ରଥମ ଓ ବକ୍ତୃତା ପ୍ରତିଯୋଗୀତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଅମିତା ଭତ୍ରା, ଏକକ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଅଞ୍ଜଳି ଜାନୀ ଓ ଦଳଗତ ନୃତ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଇନ୍ଦିରା ନାୟକ, ମନୁମତି ମୁଦୁଲି, ଉର୍ବଶୀ ହରିଜନ, ଅଞ୍ଜଳି ଜାନୀ, ରୀତା ଗଣ୍ଡ ଓ ସୁନିତା ସାନ୍ତାଙ୍କୁ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଜାନୁୟାରୀ ୧୩/୨୦୨୦ Rayagada, Monday, January. 13 / 2020

## ସଂକ୍ଷେପରେ

### ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଯୁବ ଦିବସ



ବୈପାରୀଗୁଡ଼ା,୧୨।୧(ଡି.ଏନ୍.ଏ.): ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ରବିବାର ଫ୍ରେଣ୍ଡସ ୟୁନିଟ୍ କ୍ଲବ ପକ୍ଷରୁ ଜାତୀୟ ଯୁବଦିବସ ପାଳିତ ହୋଇଛି। ଅତିଥି ଭାବେ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା, ସ୍ୱେଚ୍ଛାସେବୀ ଏମ୍. ତେଜେଶ୍ୱର ରାଓ, ଏନ୍.ୱାଇ.କେ ସେଚ୍ଛାସେବୀ ଭୀମସେନ ହରିଜନ ଯୋଗ ଦେଇଥିଲେ। କ୍ଲବ ସଭାପତି ମଧୁସୂଦନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶହୀଦ ଲକ୍ଷ୍ମଣ ନାୟକ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧରେ ଦିପ୍ତିମୟୀ ବେହେରା ପ୍ରଥମ, ଜଗନ୍ନାଥ ଗୁଣ୍ଡା ଦ୍ୱିତୀୟ, ବକ୍ତୃତାରେ ଶୈଳଜା ଦାସ ପ୍ରଥମ ଓ ଦେବୀ ପ୍ରସନ୍ନ ଦାସ ଦ୍ୱିତୀୟ ହୋଇଥିଲେ। ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ଭଗବାନ ପରଜା ପ୍ରଥମ ଓ ହରିଶଙ୍କର ଚାର୍କି ଦ୍ୱିତୀୟ ହୋଇଥିଲେ। ବକ୍ତୃତାରେ ସ୍ୱପ୍ନାରାଣୀ ମହାନ୍ତି ପ୍ରଥମ, ହରିଶଙ୍କର ଚାର୍କି ଦ୍ୱିତୀୟ ସ୍ଥାନ ପାଇଥିଲେ। ଡିଗ୍ରୀ କଲେଜର ପ୍ରିୟଦର୍ଶନୀ ପଟ୍ଟନାୟକ ଓ ଯୁକ୍ତ ୨ର ଜ୍ଞାନଶ୍ରୀଙ୍କୁ ବେଷ୍ଟ ୟୁଥ୍ ଆୱାର୍ଡ ଦିଆଯାଇଥିଲା। କ୍ଲବର ସଦସ୍ୟ ଗୁପ୍ତ ଚାଲାଣଙ୍କୁ ଶ୍ରେଷ୍ଠ ଯୁବ ସାମାଜିକ କର୍ମୀ ପୁରସ୍କାର ମିଳିଥିଲା।

### ବିବେକାନନ୍ଦ ଜୟନ୍ତୀ

ଜୟପୁର,୧୨।୧(ନି.ପ୍ର.): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପ୍ରତି ଯେଉଁଭଳି ଧର୍ମୀୟ ମୌଳବାଦୀ ଚିନ୍ତାଧାରା ବୃଦ୍ଧି ପାଉଛି, ସମ୍ବିଧାନ ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ବିବେକାନନ୍ଦଙ୍କ ଶିକ୍ଷା ଓ ଦର୍ଶନ ଉପରେ ଏହି ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରମିକ ନେତା ପ୍ରମୋଦ ମହାନ୍ତି, ସୁଭାଷ ଭଟ୍ଟାଚାର୍ଯ୍ୟ ବିବେକାନନ୍ଦଙ୍କ ଜୀବନୀ ଓ ବିଶ୍ୱ ଦର୍ଶନ ଉପରେ ଆଲୋଚନା କରି କହିଥିଲେ ଯେ ତାଙ୍କ ଆଦର୍ଶ ହେଉଛି ସମସ୍ତଙ୍କୁ ଭଲ ପାଇବା ଓ ସମସ୍ତଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ସ୍ୱାସ୍ଥ୍ୟ ସୁବିଧା ଓ ଅଧିକାର ଦେବା। ଦେଶକୁ ରକ୍ଷା କରିବା ପାଇଁ ଶ୍ରମିକ ସଂଗଠନ ଶିକ୍ଷିତ ହେବା ସହ ସମାଜରେ ବିବେକାନନ୍ଦଙ୍କ ଆଦର୍ଶର ପ୍ରଚାର ପାଇଁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ରାମକୃଷ୍ଣ ଦାସ, ଗୁରୁ ଖରା, ସୁଦର୍ଶନ ବିଷୋୟୀ, ନନ୍ଦ ହରିଜନ, ଗୁପ୍ତ ସଗରିଆ ଉପସ୍ଥିତ ଥିଲେ।

■ ବିକାଶର ଛାଇ ମାଡ଼ିନି ସଲପଗୁଡ଼ା ଗାଁର ମାଟି

# ପାହାଡ଼, ନଈଘେରରେ କଟୁଛି ବନ୍ଦୀ ଜୀବନ

ଅରବିନ୍ଦ ନାୟକ
ଦଶମନ୍ତପୁର,୧୨।୧

ଚାରିପାଖେ ପାହାଡ଼, ପର୍ବତ ଓ ୩ଟି ନଦୀ। ତାହାରି ଘେର ଭିତରେ ବନ୍ଦୀ ଗୋଟିଏ ଗାଁ। ଯୋଗାଯୋଗ ନାହିଁ। ତେଣୁ ବିକାଶର ଛାଇ ବି ଗାଁ ମାଟି ମାଡ଼ିନାହିଁ। ସରକାରୀ ବାବୁ କି ନେତା ଆସନ୍ତିନି। କେବଳ ନିର୍ବାଚନ ବେଳେ ଥରୁଟେ ସେମାନଙ୍କ ଦେଖା ମିଳେ। ତା' ସହ ଅନେକ ପ୍ରତିଶ୍ରୁତି। ସେମାନେ ନଦୀ ପାର ହୋଇ ସଲପଗୁଡ଼ାରୁ ଫେରିବା ବେଳେ ପ୍ରତିଶ୍ରୁତି ସବୁ ପାଣିର ଗାର ହୋଇ ନଦୀରେ ଭାସିଯାଆନ୍ତି। ପାହାଡ଼ି ରାସ୍ତାରେ ଲିଭିଯାଏ ସେମାନଙ୍କ ପାଦ। ଏ ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡ଼ା ପଞ୍ଚାୟତ ଅଧୀନରେ ଥିବା ସଲପଗୁଡ଼ା ଗାଁର ଚିତ୍ର।

ଡିଣ୍ଡାରଜା, ବୁର୍ଷା ପାବଲି ପାହାଡ଼, ଗୋଦବନୀ କୁପୁଲି, ଗାଣ୍ଡା ଡଙ୍ଗର ଚାରିପାଖେ ଥାଇ ମଝିରେ ରହିଛି ଏହି ଅବହେଳିତ ଗାଁ। ଏଠାରେ ମାଳି ସଂପ୍ରଦାୟର ପ୍ରାୟ ୨୭ ପରିବାର ବସବାସ କରନ୍ତି। ନନ୍ଦିଗାଁ ପଞ୍ଚାୟତ ପାଦଦେଶରେ ରହିଥିବା ଏହି ଗାଁ ପାଇକ ଫୁଲବେଡ଼ା ପଞ୍ଚାୟତରୁ ମାତ୍ର ୩ କିମି ଦୂରରେ ରହିଛି। ଗାଁର ଦୁଇ ପାର୍ଶ୍ୱରେ ନଦୀ ରହିଛି। ଫୁଲବେଡ଼ା ଛକ ଦେଇ ଏହି ଗାଁରେ ପହଞ୍ଚିବାକୁ ହେଲେ ଗାଇଗାଡ଼ ନଦୀ ଓ ବୁଡ଼ିଖୋଲା ପାର ହେବାକୁ ପଡ଼େ। ନନ୍ଦିଗାଁ ହାଟପଦା ଦେଇ ଏହି ଗାଁରେ ପହଞ୍ଚିବାକୁ ହେଲେ ବିରାଟ ଚାବେରୀ ନଦୀ ପାର ହେବାକୁ ହୁଏ। ସଲପଗୁଡ଼ା ଗ୍ରାମବାସୀ ଚତୁର୍ଦ୍ଦିଗରେ ପାହାଡ଼, ପର୍ବତ ଓ ୩ଟି ନଦୀର ଘେର ଭିତରେ ଏକ ପ୍ରକାର ବନ୍ଦୀ ଜୀବନ କାଟୁଛନ୍ତି।



ସଲପଗୁଡ଼ାର ଲୋକେ ନଦୀ ପାରହୋଇ ବାହାରକୁ ଯାଉଛନ୍ତି।

ଗର୍ଭବତୀ କିମ୍ବା ଗୁରୁତର ରୋଗୀଙ୍କୁ ଦୋଳା କିମ୍ବା ଖଟିଆରେ ୩/୪ କିମି ଦୂର ନନ୍ଦିଗାଁ ଛକ କିମ୍ବା ଫୁଲବେଡ଼ା ଛକକୁ ବୋହିନେବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇହୁଏ। ଅନେକ ସମୟରେ ବାଟରେ ଗର୍ଭବତୀଙ୍କ ମୃତ୍ୟୁ ନଜିର ରହିଥିବା ଗ୍ରାମର ଚିତ୍ରସେନ ମାଳି, ଚନ୍ଦ୍ର ମାଳି, ବଳରାମ ମାଳି, ଘନ ମାଳି କହିଛନ୍ତି। ଚାବେରୀ ନଦୀ ପାର ହେବା ବେଳେ ଫି' ବର୍ଷ ବର୍ଷା ଦିନରେ ୬ରୁ ୭ ଜଣ ସ୍ରୋତରେ ଭାସିଯାଇଛନ୍ତି। ଯୋଗାଯୋଗ ଅଭାବରୁ ଏଠାକୁ ବିକାଶର ଛାଇ ପଡ଼ିନାହିଁ। ଏହି ଗାଁକୁ ସଂଯୋଗ କରୁଥିବା ପାଇକ ଫୁଲବେଡ଼ା ଛକରୁ ସଲପଗୁଡ଼ା ଏବଂ ନନ୍ଦିଗାଁ ହାଟପଦା ଛକରୁ ସଲପଗୁଡ଼ା ବାଟରେ ପ୍ରବାହିତ ନଦୀରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

### ଗଞ୍ଜେଇ ସହ ୨ ବାଇକ ଜବତ



ଜୟପୁର,୧୨।୧(ନି.ପ୍ର.): ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରିଛି। ୨ଟି ବାଇକରେ ଲମତାପୁଟରୁ କଳାହାଣ୍ଡି ଚାଲାଣ ହେଉଥିବା ବେଳେ ପୋଲିସ ଖବର ପାଇ ୩୨୬ ନଂ ଜାତୀୟ ରାଜପଥ ବାମୁଣୀଗାଁ ଚେକ ଗେଟ ନିକଟରେ ଚଢ଼ାଉ କରିଥିଲା। ଶନିବାର ଅପରାହ୍ନ ସମୟରେ ହୋଇଥିବା ଏହି ଚଢ଼ାଉରେ ୨ଟି ବାଇକ, ଗୋଟିଏ ମୋବାଇଲ ଓ ୪୨ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ ପୋଲିସ କଳାହାଣ୍ଡି ଜିଲା କୋକସରାର ତ୍ରିନାଥ ମାଝୀ (୨୬) ଓ ଜଗନ୍ନାଥ ମାଝୀ (୧୯)ଙ୍କୁ ଗିରଫ କରିଛି। ଏମାନେ ୨ଟି ଜରି ବ୍ୟାଗରେ ଗଞ୍ଜେଇ ନେଇ ପ୍ୟାଶନ ପ୍ରୋ ଓ ହିରୋ ବାଇକ୍‌ରେ ଯାଉଥିବା ବେଳେ ଧରାପଡ଼ିଥିବା ସଦର ଥାନା ଅଧିକାରୀ ଶିବ ଶଙ୍କର ସାହୁ ପ୍ରକାଶ କରିଛନ୍ତି ।

## ସମବାୟ ବ୍ୟାଙ୍କ ହୀରକ ଜୟନ୍ତୀ



ଅତିଥିମାନେ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଜୟପୁର,୧୨।୧(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଅର୍ବାନ କୋଅପ୍‌ରେଟିଭ ବ୍ୟାଙ୍କର ୭୫ ବର୍ଷ ପୂର୍ତ୍ତି ଅବସରରେ ରବିବାର ସହରର ସାନ୍ଧ୍ୟ ଫଙ୍କସନ ହଲରେ ହୀରକ ଜୟନ୍ତୀ ପାଳିତ ହୋଇଛି। ବ୍ୟାଙ୍କ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ବାହିନୀପତିଙ୍କ ଅଧ୍ୟକ୍ଷତା ଓ ସଦସ୍ୟ ସୁକାନ୍ତ ତ୍ରିପାଠୀଙ୍କ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ଏହିପରି ଆର୍ଥିକ ସଂସ୍ଥାର ପରିଚାଳନା ଦାୟିତ୍ୱରେ ରାଜନୈତିକ ବ୍ୟକ୍ତିଙ୍କୁ ସଂଶ୍ଳିଷ୍ଟ କରା ନ ଯିବା ଏବଂ ଓଡ଼ିଶାରେ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଯୋଗଦେଇ କହିଥିଲେ, ବ୍ୟବସାୟୀ, ଚାଷୀ ଓ ସାଧାରଣ ଲୋକଙ୍କ ଜମା ଓ କାରବାର ଟଙ୍କାରେ ସମବାୟ ବ୍ୟାଙ୍କ ସୁଦୃଢ଼ ହୋଇଛି। ରାଜ୍ୟ ଓ ଦେଶର ଉନ୍ନତିରେ ଏହି ବ୍ୟାଙ୍କର ଭୂମିକା କୌଣସି ଗୁଣରେ କମ୍ ନୁହେଁ। ଏହି ଅବସରରେ ସମବାୟ ବ୍ୟାଙ୍କ ସଭାପତି ଶଶାନନ୍ଦ ମିଶ୍ର, ଦୁର୍ଗାଶଙ୍କର ସାହୁ ଓ ରମାକାନ୍ତ ରାଉଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ବାସନ୍ତୀ ପ୍ରଧାନ, ଉପାଧ୍ୟକ୍ଷା ସରିତା ପାତ୍ର, ସଦସ୍ୟ ସୁଶାନ୍ତ ପଟ୍ଟନାୟକ, ପଦ୍ମା ରେଡ୍ଡୀ, ସୁରେନ୍ଦ୍ର ପଟ୍ଟନାୟକ, ଅମରଲାଲ ଆହୁଜା, ନରସିଂହ ଚୌଧୁରୀ, ସୂର୍ଯ୍ୟନାରାୟଣ ସାହୁ, କେ. ଲକ୍ଷ୍ମୀନାରାୟଣ, ବିରାଜିନୀ ପାତ୍ର ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ବାର୍ତ୍ତା ଦେଲେ ନାଲ୍‌କୋ ଅଧିକାରୀ

ଦାମନଯୋଡ଼ି,୧୨।୧(ଡି.ଏନ୍.ଏ.): କୋରାପୁଟ ଜିଲା ନାଲ୍‌କୋ ପରିଶୋଧନ ପ୍ରକଳ୍ପ ସୁରକ୍ଷା ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ୧୧ ତାରିଖରୁ ପାଳନ କରାଯାଉଛି। ଏହି ଉପଲକ୍ଷେ ନାଲ୍‌କୋ ଟାଉନଶିପ୍ ମୁଖ୍ୟ ଫାଟକ ଆଗରେ ଛିଡ଼ାହୋଇ ଅଧିକାରୀମାନେ ବାଇକ୍ ଚାଳକଙ୍କୁ ହେଲ୍‌ମେଟ୍ ଓ କାର୍ ଚାଳକଙ୍କୁ ସିଟ୍‌ବେଲ୍ଟ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅଧିକାରୀମାନେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତା ବାର୍ତ୍ତା ଚାଳକମାନଙ୍କୁ ଦେଇଥିଲେ। ନାଲ୍‌କୋ ଏଜିଏମ୍ ପ୍ରଭାତ କୁମାର ଦାଶ, ବୀରେନ୍ଦ୍ର ଦାଶ, ମ୍ୟାନେଜର ରଶ୍ମିରଞ୍ଜନ ସେଠୀ ଉପସ୍ଥିତ ଥିଲେ।

### କୋରାପୁଟକୁ ହରାଇ କଳାହାଣ୍ଡି ଚାମ୍ପିୟନ

ଜୟପୁର,୧୨।୧(ଡି.ଏନ୍.ଏ.)

ଜୟପୁର ବ୍ଲକ ଜୟନ୍ତଗିରି ପଞ୍ଚାୟତ ସଦରରେ ମା' ବୁଢ଼ୀ ଠାକୁରାଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କଳାହାଣ୍ଡି ଜିଲା ବାଲେର ଦଳ କୋରାପୁଟସ୍ଥିତ ହନୁମାନ ସ୍ପୋର୍ଟିଂ କ୍ଲବକୁ ୬–୫ ଟାଇବ୍ରେକରରେ ପରାସ୍ତ କରି ଚାମ୍ପିୟନ ହୋଇଛି। ରବିବାର ଜୟନ୍ତଗିରି ଗ୍ରାମର ଖେଳପଡ଼ିଆରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧–୧ ଗୋଲ ଦେଇପାରିଥିଲେ। ଫଳରେ ଟାଇବ୍ରେକର ସହାୟତାରେ କଳାହାଣ୍ଡି ଦଳ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ଭାବେ ଜେ. କୋଟେଶ୍ୱର ରାଓ, ଗୁପ୍ତ ଗନ୍ତାୟତ, ବ୍ରଜ ନାଗ ଓ ଶ୍ରୀକାନ୍ତ ଚୌଧୁରି ଖେଳ ପରିଚାଳନା କରିଥିଲେ।

### ନବୋଦୟ ପରୀକ୍ଷା ଦେଲେ ୧୮୨ ଛାତ୍ରୀଛାତ୍ର

କୁନ୍ଦୁରା,୧୨।୧(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉପକଣ୍ଠ ଅରୋବିନ୍ଦ ଶିକ୍ଷା ନିକେତନରେ ଜବାହର ନବୋଦୟ ପରୀକ୍ଷା ଅନୁଷ୍ଠିତ ହୋଇଛି। ୧୮୨ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ପୂର୍ବରୁ ୧୯୬ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୧୪ ଜଣ ଅନୁପସ୍ଥିତ ଥିଲେ।

## ହାଲ୍ ମ୍ୟାନେଜରରୁ ଓଏଏସ୍

ପଟ୍ଟାଙ୍ଗି/ସୁନାବେଡ଼ା,
୧୨।୧(ଡି.ଏନ୍.ଏ.)



ନିଷ୍ଠା ଓ ପରିଶ୍ରମ ମଣିଷକୁ ସଫଳତା ଦିଏ। ଏହା ପ୍ରମାଣିତ କରି ଦେଖାଇଛନ୍ତି ସୁନାବେଡ଼ାସ୍ଥିତ ହାଲ୍‌ରେ କାର୍ଯ୍ୟରତ ଡେପୁଟି ମ୍ୟାନେଜର ହିମାଂଶୁ ଭୂଷଣ ପଲେଇ। ସେ ବିଟେକ ସାରି ହାଲ୍‌ରେ ଡେପୁଟି ମ୍ୟାନେଜର ଭାବେ କାମ କରୁଥିବା ବେଳେ ସିଭିଲ୍ ସର୍ଭିସ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଚଳିତ ବର୍ଷ ପ୍ରକାଶ ପାଇଥିବା ଫଳରେ ସେ ୭୦ ର୍‍ୟାଙ୍କରେ ରହିଛନ୍ତି। ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ଅରୁଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୌତମୀ ଦାସ ଓ ପିତା ମଦନମୋହନ ପଲେଇଙ୍କ ସାନ ପୁଅ ଅଟନ୍ତି ହିମାଂଶୁ। ପାଲୁରତାଲୁକା ହାଇସ୍କୁଲରୁ ମାଟ୍ରିକ ପାସ ପରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇ ବିଟେକ କରିଥିଲେ। ହାଲ୍‌ରେ ଡେପୁଟି ମ୍ୟାନେଜର ଥାଇ ସେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ସହ ଏହି ସଫଳତା ପାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ହିମାଂଶୁ ଏହି ସଫଳତା ପଛରେ ବାପା, ମା'ଙ୍କୁ ଶ୍ରେୟ ଦେବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅନେକ ସହଯୋଗ ରହିଥିବାରୁ ସେମାନଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

## ଖଳାରେ ନିଆଁ ଲାଗି ଫସଲ ନଷ୍ଟ

ବୈପାରୀଗୁଡ଼ା,୧୨।୧(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ଦୋରାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ରୂପୁଗୁଡ଼ା ଗ୍ରାମର ଚାଷୀ ସନା ଗୋଲରିଙ୍କ ଖଳାରେ ରବିବାର ନିଆଁ ଲାଗିଯିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଖବର ପାଇ ବୈପାରୀଗୁଡ଼ା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ନଷ୍ଟ ହେବା ଖାଦ୍ୟ ଶସ୍ୟ ମଧ୍ୟରେ କୋଳଥ ଦେଢ଼ କୁଇଣ୍ଟାଲ ଓ ମାଣ୍ଡିଆ ୨ କୁଇଣ୍ଟାଲ ସହ ଗୋଟିଏ ପାଳଗଦା ନଷ୍ଟ ହୋଇଥିବା ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂ ପ୍ରକାଶ କରିଛନ୍ତି। ଠିକ୍ ସମୟରେ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟାନୁଷ୍ଠାନ ନେବାରୁ ୧୦ କୁଇଣ୍ଟାଲ ମାଣ୍ଡିଆ ଓ ୨ କୁଇଣ୍ଟାଲ କୋଳଥ ଉଦ୍ଧାର କରାଯାଇଛି।

## ୪ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର,୧୨।୧(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଶନିବାର ସକାଳେ ଏକ ପିକଅପ ଭ୍ୟାନ୍‌ରୁ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରିଛି। ସେ ହେଲେ ବିପିନ ବାହାଦୁର (୩୯)। ତାଙ୍କ ଘର ଜୟପୁର ଭେଟରନାରୀ କଲୋନୀ। ପୀଟଗୁଡ଼ା ଗେଟ ନିକଟରେ ନନ୍ଦପୁର ପୋଲିସ ଏକ ପିକଅପ୍ (ଓଆର୍୧୦ ଡି ୪୫୦୮)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡ଼ିରୁ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ତାହାକୁ ଓଜନ କରାଯିବା ବେଳେ ୪୦୫ କୁଇଣ୍ଟାଲ ୫୩୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ। ଏହି ଗଞ୍ଜେଇ ଜଲାପୁଟରୁ ଜୟପୁର ଯାଉଥିବା ପୋଲିସ ସୂଚନା ଦେଇଛି। ଏସ୍‌ଡିପିଓ ତପନ କୁମାର ମହାନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି କପିଳେଶ୍ୱର ସାହୁ ଓ ଅନ୍ୟ କର୍ମଚାରୀମାନେ ଏହି ଯାଞ୍ଚରେ ସାମିଲ ଥିଲେ। ଏନେଇ କେସ୍ ନମ୍ବର ୩/୨୦ରେ ମାମଲା ରୁଜୁ ହୋଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

# ଡ୍ୟାମ୍ ଏରିଆରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

■ ଟିକସ ଆଦାୟ ହେଉଛି, ସଜଡ଼ାଯାଉନି ସୌନ୍ଦର୍ଯ୍ୟ ଭିତ୍ତିଭୂମି

କୋଲାବନଗର,୧୨।୧(ଡି.ଏନ୍.ଏ.)

କୋରାପୁଟ ଜିଲା ଅପରକୋଲାବ ଡ୍ୟାମ୍, ବିଜୁ ପଟ୍ଟନାୟକ ପର୍ଯ୍ୟଟନସ୍ଥଳୀରେ ସପ୍ତାହକ ମଧ୍ୟରେ ରବିବାର, ବୁଧବାର ଓ ଶୁକ୍ରବାରରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ ରାଜ୍ୟରୁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବଣଭୋଜି ପାଇଁ ବହୁ ସଂଖ୍ୟାରେ ବସ୍, ବୋଲେରୋ, କାର୍ ଓ ଦୁଇଚକିଆ ଯାନ ନେଇ ପର୍ଯ୍ୟଟକ ପହଞ୍ଚୁଛନ୍ତି। ଏ ବାବଦରେ ଭଲ ରାଜସ୍ୱ ଆଦାୟ କରାଯାଉଛି। ୨୦୨୦ ନବବର୍ଷ ବୁଧବାର ପଡିଥିବାରୁ ରାଜସ୍ୱ ବାବଦରେ ୪୨,୫୨୦ ଟଙ୍କା ରାଜସ୍ୱ ମିଳିଛି । ସେହିପରି ଶୁକ୍ରବାର ୩,୭୦୦୦ ଟଙ୍କା, ରବିବାର ୩୬,୦୦୦ ଟଙ୍କା ଓ ବୁଧବାରରେ ୩୫,୦୦୦ ଟଙ୍କା ରାଜସ୍ୱ ବାବଦରେ ମିଳିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ୨୦୧୧, ୨୦୧୨ରେ ଯେଉଁସବୁ ସୁବିଧା ପର୍ଯ୍ୟଟକଙ୍କୁ ମିଳୁଥିଲା, ତାହା ଆଉ ମିଳୁନାହିଁ। ପର୍ଯ୍ୟଟକଙ୍କ ପାଇଁ ଜଳଭଣ୍ଡାରରେ ଥିବା ବୋଟିଂ ଆଉ ନାହିଁ। ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଜ୍ଞାନ ଉଦ୍ୟାନ ମାଟିରେ ମିଶିଯାଇଛି। ଶିଶୁ ଉଦ୍ୟାନରେ କେତୋଟି ଦୋଳି ଥିବାରୁ କାମ ଚଳିଯାଉଛି। ୪ଟି ଉଦ୍ୟାନରେ ଗୋଟିଏ ଫୁଲ ନାହିଁ। ଡ୍ୟାମ୍‌ର ନିମ୍ନଭାଗରେ ଥିବା ବଣଭୋଜି ସ୍ଥାନଟି ଜଙ୍ଗଲରେ ପରିଣତ ହୋଇଛି। ଉଦ୍ୟାନ ଶୋଭା ବଢ଼ାଉଥିବା ବିଭିନ୍ନ କାରୁକାର୍ଯ୍ୟ ଓ ପୁତଳରୁ ରଙ୍ଗ ଛାଡ଼ିଯାଇଛି। ପର୍ଯ୍ୟଟକଙ୍କ ଠାରୁ ଅଧିକ ଟିକସ ନିଆଯାଉଥିବା ବେଳେ ସେମାନଙ୍କ ପାଇଁ କୌଣସି ସୁବିଧା ନ ଥିବା ଆନ୍ଧ୍ରପ୍ରଦେଶରୁ ଆସିଥିବା ବି. ସୁବାରାଓ, ଟି.ଏନ୍. ରାଓ ଏବଂ କାମେଶ୍ୱର ରାଓ, ଛତିଶଗଡରୁ ଆସିଥିବା ଆଚର ସିଂ, ମୋତିଲାଲ ଭୋରା, ଭ୍ରମରଲାଲ, ମଧ୍ୟପ୍ରଦେଶରୁ ଆସିଥିବା ପ୍ରଣ୍ଡିତ ରାମସିଂ, ବଳିଆରସିଂ ତଥା କଟକ ଜଗତସିଂହପୁରର ହରିହର ଦାସ, ରାମଚନ୍ଦ୍ର ସାହୁ, ଅଭିରାମ ଖଟୁଆ, ଖୋର୍ଦ୍ଧାର ମନୋଜ ପାଇକରାୟ, ସନ୍ନ୍ୟାସୀ ରାଉତରାୟ ପ୍ରକାଶ କରିଛନ୍ତି ।



କୋଲାବ ଡ୍ୟାମ୍।

## ବିବେକାନନ୍ଦ ଜୟନ୍ତୀ

ଦାମନଯୋଡ଼ି,୧୨।୧(ଡି.ଏନ୍.ଏ.)

କୋରାପୁଟ ଜିଲା ମାଥାଲପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି। ଅତିଥି ଭାବେ ଅନାମ ଚରଣ ନାୟକ ସ୍ୱାମୀଜୀଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିବା ସହ ସେହି ମାର୍ଗରେ ନିଜ ଜୀବନ ପରିଚାଳିତ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଜୟଲକ୍ଷ୍ମୀ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ରଖିଥିଲେ। ଗୁରୁଜୀ ସନ୍ତୋଷ କୁମାର ପଣ୍ଡା, ହୃଷିକେଶ ସେଠୀ, ଲକ୍ଷ୍ମୀପ୍ରିୟା ସାହୁ, କମଳା ବାଡ଼ତ୍ୟା, କୁନ୍ତଳା ଗୋସ୍ୱାମୀ, ଲୋକନାଥ ବେହେରା, ତପସ୍ୱିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ଡାମାଙ୍ଗି ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

**ଦାରିଙ୍ଗବାଡ଼ି,୧୨।୧(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ହାତିମୁଣ୍ଡା ପଞ୍ଚାୟତର ଡାମାଙ୍ଗି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟ ପରିଚାଳନା କମିଟି ସହ ଅଭିଭାବକମାନେ ଏନେଇ କନ୍ଧମାଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ସ୍ଥାନୀୟ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କୁ ପ୍ରଦାନ କରିଥିବା ହାତିମୁଣ୍ଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ବଳିଆର ସିଂ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଜଣେ ଶିକ୍ଷକଙ୍କୁ ଏଠାରୁ ବଦଳି ପରେ, ଏବେ ବିଜ୍ଞାନ ଶିକ୍ଷକଙ୍କୁ ବଦଳି ପାଇଁ ମସୁଧା ଚାଲିଛି। ଫଳରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ସମସ୍ୟା ଦେଖାଦେଇଛି। ଆଗକୁ ମାଟ୍ରିକ ପରୀକ୍ଷା ରହିଛି, ବଦଳି ପରିବର୍ତ୍ତେ ତୁରନ୍ତ ଶିକ୍ଷକ ପଦବୀ ପୂରଣ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେଉ ନଚେତ୍ ହାତିମୁଣ୍ଡା ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଡିଇଓ ଓ ଡିପିସିଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଏନେଇ ଅବଗତ କରାଯାଇଛି।

■ବିଭିନ୍ନ ସ୍ଥାନରେ ବିବେକାନନ୍ଦ ଜୟନ୍ତୀ, ଯୁବ ଦିବସ ପାଳିତ

# 'ବିବେକାନନ୍ଦଙ୍କ ଆଦର୍ଶ ହିଁ ଦେଶକୁ ଶକ୍ତିଶାଳୀ କରିବ'

**ପାରଳାଖେମୁଣ୍ଡି,୧୨।୧(ସ୍ୱ.ପ୍ର.)**


ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

ଗଜପତି ଜିଲାରେ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଏବଂ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ପାରଳାଖେମୁଣ୍ଡି ଦୋଳବନ୍ଧ ଉନ୍ନୟନ କମିଟି ପକ୍ଷରୁ ସକାଳେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କମିଟିର ସଭାପତି ବିନୋଦ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୮୯୩ ସେପ୍ଟେମ୍ବର ୧୧ ରେ ଚିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ମହାସଭାରେ ବିବେକାନନ୍ଦଙ୍କ ଭାଷଣ ସମସ୍ତଙ୍କ ମନକୁ କିପରି ଆନ୍ଦୋଳିତ କରିଥିଲା, ସେ ବିଷୟରେ କହବା ସହ ବିବେକାନନ୍ଦଙ୍କ ବାଣୀ ଓ ଆଦର୍ଶକୁ ପାଥେୟ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସ୍କୁଲ୍ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୁବ ସମାଜ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶର ଆବଶ୍ୟକତା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ମହାରାଜ ରାମାନନ୍ଦ ଦାସଜୀ, ସାହିତିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନାଦି ପାଣିଗ୍ରାହୀ, ହରିମୋହନ ପଟ୍ଟନାୟକ ମଞ୍ଚାସୀନ ଥିଲେ।

ସ୍ଥାନୀୟ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଭୂଗୋଳ ବିଭାଗ ପକ୍ଷରୁ ମଧ୍ୟ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଛି। ବିଭାଗୀୟ ମୁଖ୍ୟ ପ୍ରଧାପକ ଇନ୍ଦୁଭୁଷଣ ସାହୁ ପୌରହିତ୍ୟ କରି ଯୁବ ଦିବସ ପାଳନର ଆଭିମୁଖ୍ୟ ବିଷୟରେ କହିଥିଲେ। ସ୍ୱାମୀଜୀଙ୍କୁ ଭାରତର ଏକ ମୋକ୍ଷ ସନ୍ତାନ ତଥା ଯୁବ ଗୋଷ୍ଠୀଙ୍କ ପ୍ରତୀକ ଭାବେ ମାନ୍ୟତା ଦିଆଯାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ଅଧାପକ ଅନୀଲ କୁମାର ପାଣି ଯୋଗଦେଇ ବିବେକାନନ୍ଦ ଯୁବକଙ୍କ ପାଇଁ ସ୍ମରଣୀୟ ଏବଂ ତାଙ୍କ ଆଦର୍ଶକୁ ଗ୍ରହଣକଲେ ଦେଶ ଶକ୍ତିଶାଳୀ ହୋଇପାରିବ ବୋଲି ଆହ୍ୱାନ ଦେଇଥିଲେ। ବିଭାଗର ପୂର୍ବତନ ଛାତ୍ର ନିବେଦିତ ପରିଚ୍ଛା ସମାରୋହର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ଏହି ଅବସରରେ "ସ୍ୱାମୀଜୀ, ଯୁବଶକ୍ତି ଓ ପରିବର୍ତ୍ତନ" ଶୀର୍ଷକରେ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୀତାଞ୍ଜଳୀ ପଣ୍ଡା, ରାବିଡ଼ିଦେବୀ ଲିମ୍ମା, ବି. ନିର୍ମଳା, ଲିଙ୍ଗୁଏଲ୍ ଗମାଙ୍ଗ, ସିମାଞ୍ଚଳ ପଡ଼ିହାରୀ, ରୁଚିକା ମହାରଣା ଅଂଶଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦିକା ଗୀତାଞ୍ଜଳୀ ପଣ୍ଡା ପରିଚାଳନା କରିଥିଲେ।

ନେହ୍ରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲାର ନୁଆଗଡ଼ ଏବଂ କାଶୀନଗର ବ୍ଲକ୍‌ରେ ଯୁବ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ନୁଆଗଡ଼ ବ୍ଲକ୍ କେ. ଝାଲାରସିଂ ଗ୍ରାମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ପାଇକ ଯୋଗଦେଇ ବିବେକାନନ୍ଦଙ୍କ ଭଳି ନିଷ୍ଠାବାନ ହେବା ସହ ଉତ୍ତମ ଚରିତ୍ର ଗଠନ କରିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ପଞ୍ଚାୟତ ସମିତି ସଭ୍ୟ ଲକ୍ଷ୍ମୀକାନ୍ତ ବେହେରାଦଳାଇ, ୱାର୍ଡମେମ୍ବର ପ୍ରକାଶ ଲିମା ଯୋଗ ଦେଇଥିଲେ। ସେହିପରି କାଶୀନଗର ବ୍ଲକ୍‌ର ବିସିଙ୍ଗି ଗ୍ରାମରେ ଏନ୍‌ୱାଇକେ ସ୍ୱେଚ୍ଛାସେବୀମାନେ ଏହି ଉପଲକ୍ଷେ ପର୍ବତାରୋହଣ କରିଥିଲେ। ଏହି ଟ୍ରେକିଂ କ୍ୟାମ୍ପ ବିସିଙ୍ଗିର ହନୁମାନ ମନ୍ଦିରରୁ ଆରମ୍ଭ ହୋଇଥିବାବେଳେ ଲିଙ୍ଗବରାଠାରେ ଶେଷ ହୋଇଥିଲା। ଏଥିରେ ୧୧ ଯୁବକ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଗାଇଡ୍‌ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କାଶୀନଗରରେ ବିବେକାନନ୍ଦ ଜୟନ୍ତୀ ଅବସରରେ ଯୁବକମାନେ ପର୍ବତ ଆରୋହଣ କରୁଛନ୍ତି ।

# ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ


ଶିଶୁମାନେ ଏସ୍‌ପିଙ୍କୁ ଭଗବଦ୍ ଗୀତା ଉପହାର ଦେଉଛନ୍ତି।

**ପାରଳାଖେମୁଣ୍ଡି,୧୨।୧(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରର ମାର୍ଗଦର୍ଶକ ଭାଗବତ ପାଢୀ ଏବଂ ସଂଯୋଜିକା ନମିତା ଚୌଧୁରୀଙ୍କ ସହ ଶିଶୁମାନେ ପୂର୍ବାହ୍ନରେ ଏସ୍‌ପି ସାରା ଶର୍ମାଙ୍କ କାର୍ଯ୍ୟାଳୟ ଭ୍ରମଣକରି ତାଙ୍କୁ ଭଗବଦ୍ ଗୀତା ଉପହାର ଦେଇଥିଲେ। ପରେ ଶିଶୁମାନେ ପଲ୍ଲିଶ୍ରୀ ମେଳା ବୁଲାଇବା ସହ ବିଭିନ୍ନ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଞ୍ଜୟ ଜେନା ଇଂଲିଶ୍ ସମ୍ଭାଷଣ ଏବଂ ମୂରଲୀଧର ପରିଚ୍ଛା ଚିତ୍ରାଙ୍କନ ଶିକ୍ଷା ଦେଇଥିଲେ। ରାମକୃଷ୍ଣ ମିଶନର ପ୍ରତିନିଧି ରମେଶ ଭାଇ ସ୍ୱାମୀ ବିବେକାନନ୍ଦଙ୍କ ଏକାଗ୍ରତା ଧ୍ୟାନ ଉପରେ ଶିକ୍ଷାଦେଇଥିଲେ। ସନ୍ଧ୍ୟାରେ ସତ୍ୟନାରାୟଣ ମହାରଣାଙ୍କ ବାସଗୃହରେ ଅନୁଷ୍ଠିତ ସତ୍‌ସଙ୍ଗରେ ଯୋଗଦେଇ କୀର୍ତ୍ତନରେ ସାମିଲ ହୋଇଥିଲେ। ସେହିପରି ଗୋପୀନାଥ ପାଠାଗାରଠାରେ ଶିକ୍ଷାବିତ୍ ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଆ ଭାଷା କାର୍ଯ୍ୟକ୍ରମରେ ଯୋଗଦେଇ ମହାରାଜା ଗୋପୀନାଥ ଗଜପତି ଦେବଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।

# ଓଡ଼ିଶା ରାଜନୀତିରେ ଖଲ୍ଲିକୋଟ ରାଜ ପରିବାରର ଅବଦାନ ଅତୁଳନୀୟ


ଉପସ୍ଥିତ ଦର୍ଶକ।

**ଖଲ୍ଲିକୋଟ,୧୨।୧(ଡି.ଏନ.ଏ.):**

ଖଲ୍ଲିକୋଟ ରାଜ ପରିବାର ଦୀର୍ଘ ୯୭ ବର୍ଷ ଓଡ଼ିଶା ରାଜନୀତି ସହ ଓତଃପ୍ରୋତ ଭାବେ ଜଡ଼ିତ। ଜନସେବା ଓ ଲୋକଙ୍କ ପାଇଁ କାମ କରିବା ଏହି ରାଜ ପରିବାରର ଥିଲା ମୂଳଲକ୍ଷ୍ୟ ବୋଲି ଖଲ୍ଲିକୋଟ ଯୁବରାଜ ବଙ୍ଗଳା ପରିସରରେ ଆୟୋଜିତ ୧୫ତମ ମର୍ଦ୍ଦରାଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟବକ୍ତା ଗବେଷକ ଡ଼କ୍ଟର ଅନନ୍ତରାମ କୈଣ୍ଡିନ୍ୟ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିନରେ ଇଂ. ଅନିରୁଦ୍ଧ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼. ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ଗବେଷକ ଡ଼. ଅନନ୍ତରାମ କୈଣ୍ଡିନ୍ୟ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅତିଥିମାନେ ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଓଡ଼ିଶା ଇତିହାସରେ ଥିବା ଶିକ୍ଷା, ସଂସ୍କୃତି, ରାଜନୀତି କ୍ଷେତ୍ର ପ୍ରତି ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ଦିନରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଡ଼. ସାଙ୍କେତ ରାମାରାଓ, ଡ଼. ହରପ୍ରସାଦ ମହାପାତ୍ର, ପୂର୍ବତନ ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ରଥ, ରତ୍ନାକର ସାହୁ, ଦଇତାରି ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ମର୍ଦ୍ଦରାଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

■ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ଗ୍ରାମାଞ୍ଚଳରେ ସଚେତନ କରିବ ରଥ

**ଗୋଷାଣୀ,୧୨।୧(ଡି.ଏନ୍.ଏ.)**


ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ଗଜପତି ଜିଲା ଗୋଷାଣୀ ବ୍ଲକ୍‌ରେ ରବିବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଗାରାବନ୍ଧ ଗ୍ରାମରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସେହିପରି ସ୍ଥାନୀୟ ପୋଲିସ ଥାନା ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଅଞ୍ଚଳ ପରିକ୍ରମା କରିଥିଲା। ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାରବନ୍ଧ ହାଇସ୍କୁଲ ପ୍ରଧାନ ଶିକ୍ଷକ ବି. ତିରିମୁଲା ପଟ୍ଟନାୟକ, ଗାରାବନ୍ଧ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ସ୍କୁଲ୍‌ର ଶତାଧିକ ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନ, ପରିବହନ ବିଭାଗୀୟ କର୍ମଚାରୀ, ପୋଲିସ କର୍ମଚାରୀ ସାମିଲ୍ ହୋଇଥିଲେ। ସ୍କୁଲ୍ ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମ ୧୭ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦୁର୍ଘଟଣାକୁ ରୋକିବାପାଇଁ ରଥ ଏବଂ ଶୋଭାଯାତ୍ରା ମାଧ୍ୟମରେ ବ୍ଲକ୍‌ର ପ୍ରତ୍ୟେକ ଗ୍ରାମରେ ଲୋକଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଯିବ।

# ପାରଳା ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମହିଳା

**ପାରଳାଖେମୁଣ୍ଡି,୧୨।୧(ସ୍ୱ.ପ୍ର.)**


ମହିଳା ସଂଗଠନ ପକ୍ଷରୁ ରାଜାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ପୂର୍ବତନ ଏମ୍‌ପି ତଥା ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ପରଲୋକରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଥମେ ରାଜାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିସହ ପ୍ରଜାବତ୍ସଳ ମହାରାଜା ତଥା ଜନପ୍ରିୟ ରାଜନେତାଭାବେ ତାଙ୍କ କାର୍ଯ୍ୟର ସ୍ମୃତିଚାରଣ କରାଯାଇଥିଲା। ଏଥିସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ରାଜ ପରିବାରର ଯୋଗଦାନ ବିଷୟରେ ଆଲୋଚନା କରାଯାଇଥିଲା। ସଭାରେ ସଙ୍ଗଠନର ସଭାନେତ୍ରୀ ମୀନାକ୍ଷୀ ସାହୁଙ୍କ ସମେତ ସଦସ୍ୟାମାନେ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।

# ବଣ୍ଡା ନୃତ୍ୟରେ ଦୁଲୁକିଲା ମଞ୍ଚ

**ଚିକିଟି,୧୨।୧ (ଡି.ଏନ.ଏ.)**

**ବାହୁଡା ମହୋତ୍ସବ**

ଗଞ୍ଜାମ ଜିଲା ଚିକିଟି ବ୍ଲକ ନୂଆପଡା ଗ୍ରାମରେ ରବିବାର ଅପରାହ୍ନରେ ବାହୁଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ମୁଖ୍ୟଅତିଥିଭାବେ ହାଇଦ୍ରାବାଦ୍ ସ୍ଥିତ ଏକ ମେଡିକାଲର କାର୍ଡିଓଲୋଜି ଡା. ବଦ୍ରିନାରାୟଣ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କଲେଜ ଉନ୍ନୟନ କମିଟିର ଚେୟାରମ୍ୟାନ୍ ପ୍ରଫେସର ଡ ଦେବିପ୍ରସାଦ ପଟ୍ଟନାୟକ, ଆଞ୍ଚଳିକ ଶିଳ୍ପକେନ୍ଦ୍ରର ମ୍ୟାନେଜର ବ୍ରହ୍ମପୁର ଅନାମ ଚରଣ ପାତ୍ର, ଅଧ୍ୟାପକ ଡଃ.ମନୋରଞ୍ଜନ ପାଣିଗ୍ରାହୀ, ବାହାନପତି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦିପ୍ତ କୁମାର ପଟ୍ଟନାୟକ, ଚିକିଟି ବିଜେଡିର ଯୁବନେତା ସୁରେନ୍ଦ୍ର ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଏମ୍. ପଦ୍ମା ଯୋଗଦେଇ ମହୋତ୍ସବ କେବଳ ସାଂସ୍କୃତିକ ଭାବଧାରାର ଏକ ନୃତ୍ୟ, ଗୀତ ଏବଂ କଣ୍ଠଶିଳ୍ପୀମାନଙ୍କ ସମ୍ମିଳିତ ନୁହେଁ ବରଂ ଏହା ବାହୁଡା ନଦୀ ଅବବାହିକାର ୭୫ କିଲୋମିଟର ବ୍ୟାସାର୍ଦ୍ଧର ଶତାଧିକ ଗ୍ରାମବାସୀଙ୍କ ଜୀବନଜିବିକା ବୋଲି କହିଥିଲେ। ନୂଆପଡା, ଚାନ୍ଦପୁର, ଲାଲମେଣ୍ଟା, ଗଡଗୋବିନ୍ଦପୁର, ଗୌଡଗାଁ ସରପଞ୍ଚ ଏସ୍.ମମତା, ମନୋଜ କୁମାର ସାହୁ, ଜିଲା ପରିଷଦ ସଭ୍ୟା ପ୍ରମୋତି ପ୍ରଧାନ, ଚିକିଟି ବ୍ଲକ ଯୁବ ବିଜେଡି ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଏମ୍.ନାଗରାଜ୍, ବିଜେଡି ଯୁବନେତା ବି. କୃଷ୍ଣମୂର୍ତ୍ତି, ନୂଆପଡାର ପୂର୍ବତନ ସରପଞ୍ଚ ଶ୍ୟାମାକାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ମହୋତ୍ସବର ପ୍ରଥମ ଦିନରେ ମାଲକାନଗିରି ଜିଲା ମୁଦୁଲିପଡା ଘାଟିର ବାରଡଙ୍ଗରର ବନାଞ୍ଚଳରେ ବସବାସ କରୁଥିବା ସଂସ୍କୃତି ଭାବଧାରା ଭିତରେ ଜୀବନ ନିର୍ବାହ କରି ଆସିଥିବା ବଣ୍ଡା ଅଧିବାସୀମାନଙ୍କ ବଣ୍ଡା ନୃତ୍ୟ ବାହୁଡା ମହୋତ୍ସବରେ ସାଂସ୍କୃତିକ ମଞ୍ଚରେ ଦେଖିବାକୁ ମିଳିଥିଲା। ଏଥିସହିତ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ନେଇ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ହୋଇଥିଲା। ନୂଆପଡା ଗ୍ରାମରେ ସ୍ୱାଧିନତା ସଂଗ୍ରାମୀ କୃଷ୍ଣମୂର୍ତ୍ତିଙ୍କୁ ମରଣୋତ୍ତର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।


ମଞ୍ଚାସୀନ ଅତିଥିବୃନ୍ଦ।

■ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ

# ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପିଇବା ପାଣି

**ଭଞ୍ଜନଗର,୧୨।୧(ଡି.ଏନ.ଏ)**



ବ୍ଲକରେ ମନ୍ତ୍ରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ ରବିବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୈଠକରେ ଯୋଗଦେଇ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସହରାଞ୍ଚଳରେ ସମସ୍ତ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳରେ ମଧ୍ୟ ଲୋକଙ୍କୁ ଏହି ସୁବିଧା ଦେବା ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଭଞ୍ଜନଗର ବ୍ଲକର ୩ ହଜାର ପରିବାରକୁ ପାଇପ ଯୋଗେ ପାଣି ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ୨୦୨୪ ସୁଦ୍ଧା ସମସ୍ତ ଘରକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।

ପ୍ରଥମ ପର୍ଯ୍ୟାୟରେ ଅଗଖୋଳ, ବାଉଁଶଲୁଣ୍ଡି, ହଳଦଖୋଳା, ଚାକୁଣ୍ଡାପଲ୍ଲୀ, ଜି.ରମ୍ଭା, କୁପାଟି, ଝାଲିଆଗୋଥା, ରାଣିକିଆରୀ, ବିଲୁଆପଡ଼ା, ଜଡ଼ାହାଟୁଣି, କଇଣ୍ଠି ଗ୍ରାମର ୩ ହଜାର ପରିବାରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ବର୍ଷକ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବା ଯୋଜନା ରହିଛି। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଆଲୋଚନାରେ ଭାଗ ନେଇ ଲୋକଙ୍କ ସହଯୋଗ ମିଳିଲେ ସରକାରୀ ଯୋଜନା ସଫଳ ହୋଇପାରିବ ବୋଲି କହିଥିଲେ। ବିଡିଓ ଅନିଲ କୁମାର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସଭା ସଂଯୋଜନା କରିଥିଲେ । ସହକାରୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ ବିବରଣୀ ପାଠ କରିଥିଲେ । ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏବିଡ଼ିଓ ଭଜରାମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ ମନ୍ତ୍ରୀ ଆରୁଖ ଲଣ୍ଡେଇସାହି ଛକ ଯାତ୍ରୀ ବିଶ୍ରାମାଗାର, ବ୍ଲକ ଛକ ବିଶ୍ରାମାଗାର, ବେଲଗୁଣ୍ଠା ରୋଡ଼ ଛକ ବିଶ୍ରାମାଗାର, ବ୍ଲକ କଲୋନୀ ନୂତନ କ୍ୱାର୍ଟରକୁ ଉଦ୍‌ଘାଟନ କରିଥିଲେ। ସେହିପରି ଅଫିସର କ୍ଲବ ପରିସରରେ ହୋଇଥିବା ଇନଡ଼ୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡ଼ିୟମକୁ ଉଦ୍‌ଘାଟନ କରି ସେଠାରେ ଆୟୋଜିତ ସଭାରେ କ୍ରୀଡ଼ାର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି ବୋଲି କହିଥିଲେ। ଏହି ଅବସରରେ କ୍ଲବ ସଭାପତି ରମେଶ ପ୍ରସାଦ ସ୍ୱାଇଁ, ଅନୁପମ ବାନାର୍ଜି, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଡ଼.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, କୃତୀବାସ ବିଶ୍ୱାଳ, ଡ.ନୀଳାଞ୍ଚଳ ମୁନି, ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ପଞ୍ଚାନନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଯନ୍ତ୍ରୀ ରମେଶ ଚନ୍ଦ୍ର ଜାନି, ପ୍ରସନ୍ନ କୁମାର ସାହୁ, ସଚିତ୍ କର, ଶୂଳପାଣି ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।